ଧରିତ୍ରୀ
DHARITRI

September 17-23, 2023 ₹ 2/-

# ଛୁଟି ଦିନ



# ସବୁଜ ସ୍ୱର୍ଣ୍ଣ

ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ହିଁ ଏହାକୁ ଦେଇଥିଲା ସବୁଜ ସ୍ୱର୍ଣ୍ଣର ଆଖ୍ୟା । ଏବେବି ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ସୌଖୀନ ଘରସଜ୍ଜା ସାମଗ୍ରୀ ଯାଏ ସବୁଠି ରହିଛି ବାଉଁଶର ଆଦର...

ପ୍ରଚ୍ଛଦ ପ୍ରସଙ୍ଗ ୩

# ସ୍ୱପ୍ନର ସଙ୍କେତ

**ସ୍ୱପ୍ନ ବେଳେବେଳେ ଆମକୁ ଅନେକ ସଙ୍କେତ ଦେଇଥାଏ। କିନ୍ତୁ ଏକଥା ସମସ୍ତଙ୍କୁ ଜଣା ନଥାଏ। ତା'ହେଲେ ଆସନ୍ତୁ ଜାଣିବା ଜ୍ୟୋତିଷ ଶାସ୍ତ୍ର ଅନୁସାରେ କେଉଁ ସ୍ୱପ୍ନ ଆମକୁ କି ସଙ୍କେତ ଦେଇଥାଏ...**

✲ ଜ୍ୟୋତିଷଶାସ୍ତ୍ର ଅନୁସାରେ, ସ୍ୱପ୍ନରେ ପ୍ରଭୁ ଗଣେଶଙ୍କର ଫଟୋ ହେଉ ଅବା ମୂର୍ତ୍ତି ଦେଖିଲେ ସ୍ୱଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।



✲ ସ୍ୱପ୍ନରେ କିଛି ଶସ୍ୟ ଦେଖିବା ଚିନ୍ତାଗ୍ରସ୍ତର ସଙ୍କେତ ଦେଇଥାଏ।

✲ଡାଳିମ୍ବ ଖାଇବାର ସ୍ୱପ୍ନ ଦେଖିବା ଧନବୃଦ୍ଧିକୁ ସୂଚାଇଥାଏ।

✲କୌଣସି ଅଜଣା ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖିଲେ ଆଗକୁ କିଛି ଅନିଷ୍ଟ ଘଟିବାର ସଙ୍କେତ ମିଳିଥାଏ।

✲ଜୁଆଣି ଖାଇବାର ସ୍ୱପ୍ନ ସ୍ୱାସ୍ଥ୍ୟ ଭଲ ରହିବାର ସୂଚନା ଦେଇଥାଏ।

✲ଯଦି ସ୍ୱପ୍ନରେ କୌଣସି ଶିକ୍ଷକ ବା ଅଧ୍ୟାପକଙ୍କୁ ଦେଖନ୍ତି, ତା'ହେଲେ ଏହା ସଫଳତା ପ୍ରାପ୍ତିର ସଙ୍କେତ ଦିଏ।

✲ସେହିପରି ଅନ୍ଧକାର ବା ଅନ୍ଧାରୁଆ ସ୍ଥାନର ସ୍ୱପ୍ନ ବିପତ୍ତିର ସୂଚନା ଦେଇଥାଏ।

✲ହେଲେ କାହାର ଅନ୍ତେଷ୍ଟି କ୍ରିୟାର ସ୍ୱପ୍ନ ଦେଖିଲେ ଆଗକୁ ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହେବାକୁ ଯାଉଛି ବୋଲି ଜ୍ୟୋତିଷବିଦ୍‌ମାନେ ମତ ଦେଇଥାନ୍ତି।

✲ନିଜକୁ ଆକାଶରେ ଉଡୁଥିବାର ସ୍ୱପ୍ନ ଯଦି କେହି ଦେଖନ୍ତି, ତା'ହେଲେ ଏହା ଉକ୍ତ ବ୍ୟକ୍ତିଙ୍କର ସଫଳତାପାପ୍ତିର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୭-୨୩

**ମେଷ**
ନୂତନଯୋଜନାର ପରିକଳ୍ପନା, ପାରିବାରିକ ସହଯୋଗ, ଦୃଢ ନିଷ୍ପତ୍ତି ନେବେ, ଆର୍ଥିକ ଅନୁଦାନ ପ୍ରାପ୍ତି, ସରକାରୀ ସହାୟତା, ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଯାତ୍ରାରେ ଲକ୍ଷ୍ୟପୂରଣ, ଧାର୍ମିକ ମନୋବୃତି, ଶୁଭଖବର ପ୍ରାପ୍ତି ॥

**ବୃଷ**
ବନ୍ଧୁଙ୍କ ପ୍ରେରଣା, ସାମାଜିକ କାର୍ଯ୍ୟରେ ନେତୃତ୍ୱ, ଶାରୀରିକ ପୀଡା, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଅପେକ୍ଷାକୃତ ଅସୁବିଧା, ଭାତୃବର୍ଗ ଦ୍ୱାରା ସମସ୍ୟା, ବିପଦରୁ ରକ୍ଷା ପାଇବେ, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି, ସଭାସମିତିକୁ ନିମନ୍ତ୍ରଣ ॥

**ମିଥୁନ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପ୍ରଶାସନିକ ସାହାଯ୍ୟ, ଆଇନସହାୟତା ପ୍ରାପ୍ତି, ସାହିତ୍ୟ କୃତିରୁ ପ୍ରଶଂସା, ଅର୍ଥସଂକଟରୁ ଅସ୍ଥିରତା, ବାଣିଜ୍ୟର ଅଭିବୃଦ୍ଧି, ନିର୍ମାଣକାର୍ଯ୍ୟରେ ପ୍ରତିବନ୍ଧକ, ଅଶୌଚଖବର ପ୍ରାପ୍ତି ॥

**କର୍କଟ**
ଶାରୀରିକ ସୁସ୍ଥତା, ଆଶଙ୍କା ଦୂରହେବ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ପ୍ରତିବେଶୀଙ୍କ ସାହାଯ୍ୟ, ଧୈର୍ଯ୍ୟଚ୍ୟୁତି ଘଟିପାରେ, ନିଜ ପରିସରରେ ପ୍ରତିଷ୍ଠା, ଯୁକ୍ତିତର୍କଠାରୁ ଦୁରେଇ ରହନ୍ତୁ।

**ସିଂହ**
କର୍ମଜଞ୍ଜାଳ ବୃଦ୍ଧି, ସମସ୍ୟା ଆସିପାରେ, ବାଣିଜ୍ୟ ମାନ୍ଦା ହେବ, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ମାନସିକ ଦୁଃଶ୍ଚିନ୍ତା, ଅନିଦ୍ରାଜନିତ ସ୍ୱାସ୍ଥ୍ୟହାନୀ, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା, ବ୍ୟବସାୟରେ ଉନ୍ନତି, ସ୍ତ୍ରୀଙ୍କ ପ୍ରେରଣା ॥

**କନ୍ୟା**
ମାନସିକ ଅସ୍ଥିରତା, ପଡୋଶୀଙ୍କ ପରାମର୍ଶ, ପାରିବାରିକ ଦ୍ୱନ୍ଦ୍ୱ, ଅଶାନ୍ତି ଲାଗି ରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି,ଏଜେନ୍ସିପରୁ ଖୁସି ରହିବେ , ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦୀୟ ଘଟଣାର ଅବସାନ, ବକେୟା ଅର୍ଥ ଆଦାୟ, ଯାତ୍ରାରେ ସଫଳତା, ଚାକିରି କ୍ଷେତ୍ରରେ ପଦୋନ୍ନତି, ଯୋଗଶିକ୍ଷାରେ ରୁଚି ॥

**ତୁଳା**
କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପଦମର୍ଯ୍ୟାଦା ବୃଦ୍ଧି, ଦୁଷ୍ଟଲୋକଙ୍କ କୁତ୍ସାରଟନା, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, କାମଟି ଶେଷ କରିପାରିବେନି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ରିସ୍କ ପଦକ୍ଷେପ ନେବେ, ସଞ୍ଚିତ ଧନ ବ୍ୟୟ,ବିବାଦରେ ବିଜୟ ॥

**ବିଛା**
ନୂତନ କର୍ମାରମ୍ଭ, ସନ୍ତାନଙ୍କ ସହଯୋଗ, ବ୍ୟାଙ୍କଲୋନ୍ ମିଳିବ, ତିର୍ଥାଟନ ଯୋଜନା, ବନ୍ଧୁଙ୍କ ଅନୁଗ୍ରହ, ପରିସ୍ଥିତିକୁ ସଜାଡି ନେବେ, ଶିକ୍ଷାରେ ସଫଳତା, ଭ୍ରମଣ ସୁଯୋଗ ଜୁଟିବ, ସମାଲୋଚିତ ହୋଇପାରନ୍ତି, ପ୍ରାପ୍ୟଧନରେ ବାଧା ॥


**ଧନୁ**
କନ୍ୟା ହେତୁକ ସମସ୍ୟା, ପରାଶ୍ରୟତାରୁ ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ଶୁଭଖବରରୁ ଖୁସି, ନିର୍ମାଣରେ ସମସ୍ୟା, ଘଟଣାର ମୋଡ ବଦଳିବ, କୌଣସି ଭୁଲ କାମ କରିପାରନ୍ତି ॥

**ମକର**
ଦୁଶ୍ଚିନ୍ତା ଦୂର ହେବ, ଅଭାବ ରହିବନି, ପରିଭ୍ରମଣର ସୁଯୋଗ, ପିତୃବର୍ଗରେ ପୀଡା, ଅପ୍ରିୟ ଭାଷଣରୁ କଳହ, ଦୂରଯାତ୍ରା କରିପାରନ୍ତି, ବିରୋଧୀଙ୍କ କଟୁକ୍ତି, ଦ୍ୱନ୍ଦ୍ୱର ଅବସାନ, ନୂତନ ମିତ୍ରତା, ଆଶା ଫଳବତୀ ହେବ, ଦୈହିକ ଦୁର୍ବଳତା ॥

**କୁମ୍ଭ**
ମାନସିକ ସ୍ଥିରତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସହକର୍ମୀଙ୍କ ଅନୁରକ୍ତି, ପାରିବାରିକ ଶାନ୍ତି, ଦେବଦର୍ଶନର ସୁଯୋଗ, ଅବହେଳାରୁ କର୍ମହାନୀ, ସମସ୍ୟା ସମାଧାନ। ବ୍ୟବସାୟରେ କ୍ଷତି, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ॥

**ମୀନ**
ଦ୍ୱନ୍ଦ୍ୱର ଅବସାନ, ହାତକୁ ଦିପଇସା ଆସିବ, ଦୂରଯାତ୍ରାର ମସୁଧା, ସୁସ୍ଥତା ଫେରିପାଇବେ, ଶତ୍ରୁକୃତ ପୀଡା, ବାଣିଜ୍ୟର ଅଭିବୃଦ୍ଧି, ଗବେଷଣାରେ ଅଗ୍ରଗତି, ପ୍ରତିକୂଳ ପରିସ୍ଥିତି, ପୈତୃକସମ୍ପତି ବିବାଦ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ସଂଗୀତାନୁରାଗୀ ହେବେ ॥

# ସୌଭାଗ୍ୟ ଆଣେ ହାତୀ ପ୍ରତୀମା



ଭଗବାନ ଗଣେଶଙ୍କର ଏକ ସ୍ୱରୂପ ଭାବେ ହାତୀଙ୍କୁ ଅନେକେ ପୂଜା କରିଥାନ୍ତି। ବାସ୍ତୁଶାସ୍ତ୍ରରେ ବି କୁହାଯାଇଛି, ଘରେ ହାତୀର ପ୍ରତୀମା ରଖିବା ଦ୍ୱାରା ଅନେକ ଶୁଭଫଳ ମିଳିଥାଏ। ଯେମିତିକି ✲ ହାତୀକୁ ଯଶ ଆଉ କୀର୍ତ୍ତିର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ଯେଉଁ ବ୍ୟକ୍ତିଙ୍କର କ୍ୟାରିୟର୍‌ରେ କିଛି ଉନ୍ନତି ହେଉ ନଥାଏ, ସେମାନେ ନିଜ ଟେବୁଲ୍ ଉପରେ ଗୋଟିଏ ଗୋଡ଼ ଟିକେ ଆଗକୁ ଉଠିକି ଥିବା ହାତୀର ମୂର୍ତ୍ତି ରଖିବା ଦରକାର। ଏପରି କଲେ କ୍ରମେ ତାଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିଥାଏ ବୋଲି ବିଶ୍ୱାସ କରାଯାଏ। ✲ ହାତୀ ଏମିତି ଏକ ପ୍ରାଣୀ ଯିଏକି ତା'ର ଜୀବନକୁ ବେଶ୍ ବିନ୍ଦାସ୍ ଜିଇଁଥାଏ। ତେଣୁ ସୁଖମୟ ଜୀବନ ପାଇଁ ଘରେ ଉପରକୁ ଶୁଣ୍ଢ ଟେକି ରଖିଥିବା ହାତୀର ପ୍ରତୀମା ରଖିବା ଉପକାରୀ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ✲ ଏକାଗ୍ରତା ବଢାଇବାରେ ବି ହାତୀର ପ୍ରତୀମା ଅନେକ ସାହାଯ୍ୟ କରିଥାଏ। ତେଣୁ ଛୁଆଙ୍କର ପଢା ଟେବୁଲ୍ ଉପରେ ହେଉ କିମ୍ବା ଯେଉଁମାନେ ସବୁବେଳେ ଦ୍ୱନ୍ଦ୍ୱ ଭିତରେ ରହିଥାନ୍ତି ; ସେମାନଙ୍କର ପାଖାପାଖି ସ୍ଥାନରେ ଗୋଟିଏ ହାତୀର ପ୍ରତୀମା ରଖିଦିଅନ୍ତୁ। ଯେମିତି ବାରମ୍ବାର ସେମାନଙ୍କର ନଜର ଏହି ପ୍ରତୀମା ଉପରେ ପଡୁଥିବ। ଦେଖିବେ କିଛିଦିନ ପରେ ସେମାନଙ୍କ ଭିତରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିଯିବ। ✲ ହାତୀର ପ୍ରତୀମା ରଖିବା ପାଇଁ ଘରର ଉତ୍ତର ଦିଗ ସବୁଠୁ ଭଲ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

✲ ପରାଜିତ ହୋଇ ବି ବିଜୟ ଗର୍ବରେ ଯିଏ ଉଲ୍ଲସିତହୋଇପାରନ୍ତି, ସେ କେବଳ ଗୁରୁ। ଶିଷ୍ୟଠାରୁ ବାରମ୍ବାର ଜ୍ଞାନର ପରିସରରେ ହାରିବାରେ ହିଁ ଥାଏ ତାଙ୍କର ଆନନ୍ଦ। ଆଉ ଆନନ୍ଦ ଥାଏ ପ୍ରିୟ ଶିଷ୍ୟର ପଥପ୍ରଦର୍ଶକ ହେବାରେ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରିୟ ଛାତ୍ର'ଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'କେଉଁ ଉପହାର ଶୁଭ', 'ପଢ଼ାରେ ମନ ଲାଗିବା ପାଇଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମୌସମ ସ୍ୱାଇଁ, ପଳାଶୁଣୀ, ଭୁବନେଶ୍ୱର*

✲ ଗୁରୁଙ୍କ ସ୍ଥାନ ସବୁବେଳେ ସର୍ବାଗ୍ରେ। ସମାଜରେ ଉତ୍ତମ ବ୍ୟକ୍ତିଭାବେ ପରିଚିତ ହୋଇଥିବା ଉତ୍ତମ ଶିଷ୍ୟଙ୍କ ପାଇଁ ଗୁରୁ ସବୁବେଳେ ନିଜକୁ ଗୌରବାନ୍ୱିତ ମନେ କରିଥାନ୍ତି। ତେଣୁ ଗୁରୁ–ଶିଷ୍ୟଙ୍କର ଏହି ପବିତ୍ର ସମ୍ପର୍କକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରିୟ ଛାତ୍ର'ଟି ସତରେ ଏକ ନିଆରା ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'କମରବନ୍ଧ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ମନୋଜ ତ୍ରିପାଠୀ, ମାଟିଆପଡା, ପୁରୀ*

✲ 'ଏମିତି ସହର ଯେଉଁଠି ପଇସା ନାହିଁ କି ସରକାର ନାହିଁ' ଶୀର୍ଷକକୁ ନେଇ ଉପସ୍ଥାପନା ହୋଇଥିବା ଛୁଟିଦିନର ସ୍ୱତନ୍ତ୍ର ଆଲେଖ୍ୟଟି ସତରେ ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଧର୍ମଦ୍ରୋହୀ' ଶୀର୍ଷକ ଗପ ତଥା 'ମେଘ' ଓ 'ସନ୍ତକ' ଶୀର୍ଷକ କବିତା ଦୁଇଟି ବି ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ କିଆରା ଆଡଭାନୀଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା।

*– ନବଘନ ଚୌଧୁରୀ, ନୟାଗଡ଼*

✲ କବି ତଥା ଶିକ୍ଷାବିତ୍ ଅଶୋକ କୁମାର ମଲ୍ଲଙ୍କର ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଶିକ୍ଷାରେ ସର୍ବୋତ୍ତମ ଭିଏତନାମ', 'ଶିକ୍ଷାର ବିକାଶ ହିଁ ଲକ୍ଷ୍ୟ' ଆଦି ପାଠଦୁଇଟି ବେଶ୍ ପ୍ରେରଣାଦାୟୀ ଥିଲା।

*– ମୃତ୍ୟୁଞ୍ଜୟ ସାହୁ, ଜଟଣୀ, ଖୋର୍ଦ୍ଧା*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ଜୁଲୁଜୁଲିଆ ପୋକର କଥା', 'ମଳ ବଦଳରେ ମିଳିବ ଟଙ୍କା' ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଝୁଲନ୍ତା ଅବସ୍ଥାରେ ପିକ୍‌ନିକ', 'ଦିଆସିଲି କାଠିର ସଂସାର', 'ଘର ପାଲଟିଲା ହମିଂ ବାର୍ଡ ହସ୍ପିଟାଲ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। 'ଉଦ୍‌ଘାଟନ' ଶୀର୍ଷକ ବ୍ୟଙ୍ଗ ଲେଖାଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*– ତନୁଜା ସେଠୀ, ପାଣିକୋଇଲି, ଯାଜପୁର*




## ବିଶେଷ ଚିଠି

ପ୍ରିୟଛାତ୍ରକୁ ନେଇ ଥିଲା ଏଥରର ପ୍ରଚ୍ଛଦ
ହୋଇଥିଲା ଭାରୀ ବଢିଆ
ମନେ ଭରିଲା ଅଶେଷ ଆନନ୍ଦ।
ସିନେମା, ସୃଜନ ବି ଲାଗୁଥିଲା ସୁନ୍ଦର
ସାଥୀର ଉତ୍ତର ପଢି
ମନ ହୋଇଗଲା ବିଭୋର।
ସତରେ ଛୁଟିଦିନ ତୁମ ଜବାବ ନାହିଁ
ଯେତେ ଦେଖୁଥିଲେ ତୁମେ ନୂଆ ଦିଶୁଥାଇ।

*– ଅମରେଶ ବିଶ୍ୱାଳ, ଚକ୍ରତୀର୍ଥ ରୋଡ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com





# ସବୁଜ ସ୍ୱର୍ଣ୍ଣ

**ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ଥିଲା, ମାତ୍ର ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ଏହାର ଚାହିଦା କିଛିମାତ୍ରାରେ କମି ଯାଇଥିଲେ ମଧ୍ୟ ବାଉଁଶ ତିଆରି ସୌଖୀନ ସାମଗ୍ରୀର ଚାହିଦା ଏବେ ବଢ଼ି ବଢ଼ି ଚାଲିଛି..**

**ବା**ଉଁଶ ଘାସ ପ୍ରଜାତି ମଧ୍ୟରେ ସବୁଠୁ ଉଚ୍ଚତମ ଓ ଶକ୍ତିଶାଳୀ। ଏହାର ଦ୍ରୁତବେଗରେ ବୃଦ୍ଧି ଘଟିଥାଏ। ଏହା ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। କେଉଁ ପୁରୁଣା ସମୟରୁ ଆଜିଯାଏ ଏହା ବିଭିନ୍ନ ଆବଶ୍ୟକତା ମେଣ୍ଟାଇବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଆସୁଛି। ପରିବେଶବିତ୍ ନନ୍ଦ ଭୁଜବଳ କୁହନ୍ତି, ଅନ୍ୟ ଗଛ ଯେତିକି ଅମ୍ଳଜାନ ଦେଇଥାଏ ଗୋଟିଏ ବାଉଁଶ ଗଛ ସେହି ତୁଳନାରେ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।

**ଲୋକ ସଂସ୍କୃତି ଓ ଚଳଣିରେ ବାଉଁଶ :** ସୃଷ୍ଟିର ଆବହମାନ କାଳରୁ ବାଉଁଶ ରହିଛି। ଗ୍ରାମ୍ୟ ସଂସ୍କୃତିରେ ବାଉଁଶକୁ ନେଇ ବିଭିନ୍ନ କଥା ରହିଛି। ବାଉଁଶ ଏକ ତୃଣଜାତୀୟ ଉଦ୍ଭିଦ। ନାନା ପ୍ରତିକୂଳ ପରିସ୍ଥିତିରେ ବି ଏହା ନିଜର ଅସ୍ତିତ୍ୱ ବଜାୟ ରଖିପାରେ। ଫେଙ୍ଗ୍‌ସୁଇ ମତରେ ଏହା ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ। ସୁସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନର ସଂକେତ ଦେଇଥାଏ। ଝିଅ ବାହାଘର ବେଳେ ବିଭିନ୍ନ ସାଜସଜ୍ଜା ମଧ୍ୟରେ ବାଉଁଶ ତିଆରି ସାମଗ୍ରୀ ପ୍ରଦାନ କରାଯାଇଥାଏ। ବାଉଁଶ ଯେପରି ବଂଶ ବିସ୍ତାର କରେ ସେଭଳି ଝିଅର ଶୁଭ ଦାମ୍ପତ୍ୟ ଜୀବନ ଦୀର୍ଘସ୍ଥାୟୀ ଓ ସୁଖମୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ପୁରାଣରୁ ଜଣାପଡ଼େ, ଶ୍ରୀକୃଷ୍ଣଙ୍କ ବଂଶୀର ସ୍ୱର ରାଧାଙ୍କୁ ଅଧୀର କରିପକାଉଥିଲା। ପୁରାତନ ବାଦ୍ୟଯନ୍ତ୍ର ଭାବେ ବାଉଁଶ ବଂଶୀର ସ୍ଥାନ ସ୍ୱତନ୍ତ୍ର। ଏହା ଆମ ସାମାଜିକ ଜୀବନରେ ସୁପ୍ରଭାବ ପକାଇଥାଏ। ମକର ସଂକ୍ରାନ୍ତି ଅବସରରେ ମତ୍ସ୍ୟଜୀବୀମାନେ ବାଉଁଶକଣିକୁ ଚିଲିକାପାଣିରେ ପୋତି ମା' କାଳିଜାଇଙ୍କୁ ସ୍ମରଣ କରିଥାନ୍ତି। ଖୋର୍ଦ୍ଧା ଜିଲାର ବାଣପୁର ଅଞ୍ଚଳରେ ଦଶହରା ଅବସରରେ କାଠି ଠାକୁରାଣୀଙ୍କ ଯାତ୍ରା ହୋଇଥାଏ। ମା'ଙ୍କ ବିଜେ ପ୍ରତିମା ଗୋଟା ବାଉଁଶରେ ତିଆରି ହୋଇଥାଏ, ତାହାକୁ ଭକ୍ତମାନେ ଧରି ପଟୁଆରରେ ସାହି ଭ୍ରମଣ କରିଥାନ୍ତି। ମହାତ୍ମା ଗାନ୍ଧୀଙ୍କୁ ଓଡ଼ିଶାର ପୁରୀ ଜିଲା ଡେଲାଙ୍ଗ ନିକଟ ବେରବୋଇ ଗାଁରେ ଆଚାର୍ଯ୍ୟ ହରିହର ଏକ ବାଉଁଶ ବାଡ଼ି ପ୍ରଦାନ କରିଥିଲେ। ସେହିପରି ମହାନ୍ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶନଳୀ ସାହାଯ୍ୟରେ ଗ୍ରହ ନକ୍ଷତ୍ରର ଦୂରତାକୁ ଗଣନା କରିପାରୁଥିଲେ।



**ବିଶ୍ୱ ବାଉଁଶ ଦିବସ:** ୨୦୦୯ ସେପ୍ଟେମ୍ବର ୧୮ରୁ ବିଶ୍ୱ ବାଉଁଶ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ସେପ୍ଟେମ୍ବର ୧୮କୁ ବିଶ୍ୱ ବାଉଁଶ ଦିବସ କୁହାଯାଉଛି। ବାଉଁଶ ଜଙ୍ଗଲ ବୃଦ୍ଧି ତଥା ଏହାର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ହେଉଛି। ବାଉଁଶ ଚାଷ ପ୍ରତି ଆଗ୍ରହ ଓ ବାଉଁଶ ସାମଗ୍ରୀକୁ ଅଗ୍ରାଧିକାର ଦେବା ପାଇଁ ବିଶ୍ୱ ବାଉଁଶ ସଂଗଠନ ସାରା ବିଶ୍ୱରେ ପ୍ରୟାସ ଜାରି ରଖିଛି। ତଥ୍ୟ ଅନୁଯାୟୀ, ବାଉଁଶ ଉତ୍ପାଦନରେ ଚାଇନା ବିଶ୍ୱ ତାଲିକାରେ ପ୍ରଥମରେ ରହିଥିବା ବେଳେ ଏହା ତଳକୁ ଭାରତ ରହିଛି। ଭାରତରେ ବାଉଁଶ ଚାଷର ଉନ୍ନତି ପାଇଁ ବାମ୍ବୋ ମିଶନ କାର୍ଯ୍ୟ କରୁଛି। ଆମ ଦେଶରେ ବିଶେଷକରି ଉତ୍ତର ପୂର୍ବାଞ୍ଚଳ ଯଥା –ଓଡ଼ିଶା, ମହାରାଷ୍ଟ୍ର, କର୍ନାଟକ, ଉତ୍ତରାଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଗୁଜରାଟ, ତାମିଲନାଡୁ, କେରଳ, ଝାଡ଼ଖଣ୍ଡ, ଆସାମ ଆଦି ରାଜ୍ୟରେ ବହୁଳଭାବେ ବାଉଁଶ ଜଙ୍ଗଲ ଦେଖିବାକୁ ମିଳେ।

**ବାଉଁଶର ଔଷଧୀୟ ଗୁଣ:** ଆୟୁର୍ବେଦ ଅନୁସାରେ ବାଉଁଶର ଅନେକ ଔଷଧୀୟ ଗୁଣ ରହିଛି। ବାଉଁଶର ସ୍ୱାସ୍ଥ୍ୟ ଉପଯୋଗୀ ଗୁଣ ସମ୍ପର୍କରେ **ଡା. ତ୍ରୈଲୋକ୍ୟନାଥ ମହାରଣା** କୁହନ୍ତି, 'ବାଉଁଶର ପତ୍ର, କାଣ୍ଡ, ମୂଳ, ଗଣ୍ଠି, ଫଳ(ବାଉସୁନି ଧାନ), ଅଂକୁର(କରଡ଼ି), ନିର୍ଯାସ ବା ବଂଶଲୋଚନ ଆୟୁର୍ବେଦିକ ଔଷଧରେ ପ୍ରୟୋଗ କରାଯାଏ। ବାଉଁଶ ପତ୍ର ଗୁଣରେ କଟୁତିକ୍ତ, ଅମ୍ଳ ଓ ଶୀତଳ ଗୁଣକାରକ। ଏହାର ରସ ସେବନ କଲେ ମୂତ୍ର ପ୍ରବାହ ଠିକ୍ ରୂପେ ହୋଇଥାଏ। ଅର୍ଶ, ପିତ୍ତ ବିକାର, ଶରୀର ପୋଡାଜଳା ବା ଦାହ ରୋଗ, ବିଭିନ୍ନ ରକ୍ତ ବିକାର, ବ୍ରଣ, ରକ୍ତବାନ୍ତି ବନ୍ଦ ହୋଇଥାଏ। ବାଉଁଶ ଗଣ୍ଠି ଚୂର୍ଣ୍ଣ ଚାଉଳଧୁଆ ପାଣି ସହିତ ସେବନ କଲେ ଶ୍ୱେତପ୍ରଦର ଓ ବିଭିନ୍ନ ମାସିକ ଋତୁସ୍ରାବ ସମସ୍ୟା ଦୂର କରିଥାଏ। ବାଉଁଶ ମୂଳ ଓ ଚେର କ୍ୱାଥ୍ ମୂତ୍ରକାରକ ଓ ଶୋଥନାଶକ। ବାଉଁଶ କରଡ଼ି ଗୁଣରେ କଷାୟ, ମଧୁର, ରୁକ୍ଷ, ଗୁରୁପାକ, ଶୀତଳ, ରୁଚିକର ଓ କଫନାଶକ। ଏହାକୁ ଅନେକ ପ୍ରଦେଶରେ ବାଉଁଶ କର୍ପୂର କହିଥାନ୍ତି। ଏହା ମଧୁର, କଷାୟ, ତିକ୍ତ ଓ ଶୀତଳ ଗୁଣଯୁକ୍ତ। ଏହା ସମସ୍ତ ଆୟୁର୍ବେଦିକ ଔଷଧରେ ପ୍ରୟୋଗ କରାଯାଏ। ବିଭିନ୍ନ ଶ୍ୱାସ ରୋଗ, କାଶ, ଶରୀର କ୍ଷୟ ରୋଗ, ରକ୍ତ ଦୂଷିତ ରୋଗ, ଜଣ୍ଡିସ୍, ରକ୍ତହୀନତା, ବ୍ରଣ, ପାଣ୍ଡୁ, ଶରୀର ପୋଡାଜଳାରେ ବାଉଁଶ ମହୌଷଧି ରୂପେ କାର୍ଯ୍ୟ କରିଥାଏ।

**ଉପଯୋଗୀ ବାଉଁଶ :** ସାଧାରଣତଃ ଘର ତିଆରି, ଫସଲ ସୁରକ୍ଷା ଆଦି ପାଇଁ ବାଉଁଶ ବ୍ୟବହାର କରାଯାଉଥିବାବେଳେ ଆଜିକାଲି ପୂଜା ପର୍ବରେ ସୁନ୍ଦର ତୋରଣ ସହ ଘର ସଜ୍ଜା ସାମଗ୍ରୀ ପାଇଁ ବି ବାଉଁଶର ବ୍ୟବହାର କରାଯାଉଛି। ବିଭିନ୍ନ ପ୍ରକାରର ବାଉଁଶ ରହିଛି। ଯଥା ଶାଳମ୍ବି, ସୁନ୍ଦରି ଓ କଣ୍ଟା ଆଦି। ଇଣ୍ଡୋନେସିଆ, ଫିଲିପାଇନ୍ସ ଭଳି ଦେଶରେ ରଙ୍ଗିନ ବାଉଁଶ ଦେଖାଯାଇଥାଏ।



→







ସେଥିମଧ୍ୟରେ ଫିକା ବାଇଗଣୀର ଚାହିଦା ଅଧିକ। ମୃତ୍ତିକା ସଂରକ୍ଷଣରେ ବାଉଁଶ ବେଶ୍ ଉପଯୋଗୀ ହୋଇଥାଏ। ନଈକୂଳ, ପାହାଡ଼ ତଳ, ପୋଖରୀ ହୁଡାରେ ବିଭିନ୍ନ ଜାତିର ବାଉଁଶ ବଢ଼ିଥାଏ। ଓଡ଼ିଶାର ମୟୂରଭଞ୍ଜର ଛଣପାଳ ଗାଁ, ରାଇରଙ୍ଗପୁର, କଳାହାଣ୍ଡିର କେସିଙ୍ଗା, ଗଞ୍ଜାମ, ପାରଳାଖେମୁଣ୍ଡି, ମାଲକାନଗିରି ସମେତ ବିଭିନ୍ନ ଜିଲାର କାରିଗରମାନେ ତାଲିମ ନେଇ ବାଉଁଶରେ ଉନ୍ନତମାନର କଳାକୃତି ତିଆରି କରିଥାନ୍ତି।

**ବାଉଁଶରେ ତିଆରି ସାମଗ୍ରୀ:** ଓଡ଼ିଶାର ପୁରପଲ୍ଲୀରେ ଶିଳ୍ପୀମାନେ ବାଉଁଶରେ ତିଆରି ପାଛିଆ, ଝୁଡି, ଡାଲା, କୁଲା, ତଲେଇ, ଭୋଗେଇ, ଚିଡେଇ, ଗୁରୁଡି, ଡୋଲି,ଦୋଳି, ବିଛଣା, ପୋଲୁହ, ଲଞ୍ଜା, ଖାଳେଇ ଆଦି ଅନେକ ପ୍ରକାରର ପାରମ୍ପରିକ ସାମଗ୍ରୀ ତିଆରି କରିଥାନ୍ତି। ଗ୍ରାମାଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଜାତିର କାରିଗରଙ୍କର ଏହା ମଧ୍ୟ କୌଳିକ ବୃତ୍ତି। ସୋରଣ ଚିଲିକା ପେଣ୍ଠଠାରେ ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରୁଥିବା ରବି ନାହାକ କୁହନ୍ତି, ଏହା ଆମର କୁଳବେଉସା। ଆମ ବାପା,ଗୋଷିବାପାଙ୍କ ଅମଳରୁ ଆମେ ପିଢ଼ି ପରେ ପିଢ଼ି ଏମିତି ବାଉଁଶକୁ ନେଇ ବିଭିନ୍ନ ପାରମ୍ପରିକ ସାମଗ୍ରୀ ତିଆରିକରି ସେଥିରୁ ରୋଜଗାର କରି ଚଳୁଛୁ।

**ବାଉଁଶର ସୌଖୀନ ସାମଗ୍ରୀ :** ଆଜିକାଲି ବାଉଁଶ ହସ୍ତଶିଳ୍ପର ଚାହିଦା ବଢୁଥିବାରୁ କେବଳ ପାରମ୍ପରିକ ବାଉଁଶ ସାମଗ୍ରୀରେ ଏହାକୁ ସୀମିତ ନ ରଖି ଶିଳ୍ପୀମାନେ ବାଉଁଶରେ ବିଭିନ୍ନ ପଶୁପକ୍ଷୀ, କପ୍, ପ୍ଲେଟ, ବ୍ରଶ, ଗିନା, ପାଣି ବୋତଲ, ଚାମଚ, ଫୁଲକୁଣ୍ଡ, ବୁକ୍ ସେଲ୍ଫ, ପେନ୍‌ଷ୍ଟାଣ୍ଡ, ଫଟୋଚିତ୍ର ଷ୍ଟାଣ୍ଡ ଆଦି ସାମଗ୍ରୀ ତିଆରି କରୁଛନ୍ତି। ଏହାଛଡ଼ା ବାଉଁଶ ତିଆରି ଝୁମୁକା, ହାର, ହେୟାର କ୍ଲିପ, ପିନ, ଚୁଡ଼ି, ପାଉଁଜି, କଙ୍କଣ ଆଦି ଅଳଙ୍କାର ତିଆରି କରୁଛନ୍ତି, ଯାହା ଆମ ରାଜ୍ୟର ହସ୍ତକଳା କାରିଗରିକୁ ସମୃଦ୍ଧ କରୁଛି।

**କାଗଜ ତିଆରିରେ ବାଉଁଶ :** କାଗଜ ତିଆରି ପାଇଁ ନୀଳଗିରି, ଆକାଶିଆ, ଝାଉଁକାଠ ସହିତ ବାଉଁଶକୁ ମିଶାଇବାକୁ ପଡ଼ିଥାଏ। ବାଉଁଶରେ ଫାଇବର ଅଂଶ ଅଧିକ ଥିବାରୁ ପେପରର ମାନ ଭଲ ରହିଥାଏ। ରାଜ୍ୟର ନୟାଗଡ଼ ଜିଲାର ଦଶପଲ୍ଲା, ମାଲକାନଗିରି, ସମ୍ବଲପୁର, କୋରାପୁଟ ଆଦି ଜିଲାରୁ କେତେକ କାଗଜ ତିଆରି କାରଖାନାକୁ ବାଉଁଶ ପଠାଯାଇଥାଏ।

**ବାଉଁଶନଳୀରେ ପୋଡ଼ା ଖାଦ୍ୟ:** ପୂର୍ବେ ଲୋକମାନେ ବାଉଁଶ ନଳୀରେ ବିଭିନ୍ନ ଖାଦ୍ୟଦ୍ରବ୍ୟକୁ ପୂରାଇ ନିଆଁରେ ପୋଡ଼ି ଖାଉଥିଲେ। ଆଜିକାଲି ମଧ୍ୟ ଲୋକମାନେ କଞ୍ଚା ବାଉଁଶ ନଳୀରେ ମଟନ, ଚିକେନରେ ମସଲା ମିଶାଇ ପୋଡ଼ି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ହୋଟେଲ ଓ ଢାବାମାନଙ୍କରେ ବାଉଁଶପୋଡ଼ା ଖାଦ୍ୟର ବହୁତ ଚାହିଦା ରହିଛି। ବାଉଁଶ ନଳୀରେ ପୋଡ଼ାହୋଇ ପ୍ରସ୍ତୁତ ହେଉଥିବା ଖାଦ୍ୟରେ ଔଷଧୀୟ ଗୁଣ ବି ରହିଛି। ଏହି ଖାଦ୍ୟ ପ୍ରସ୍ତୁତି ପାଇଁ ଲୁଣ, ହଳଦୀଗୁଣ୍ଡ, ଧନିଆପତ୍ର, ସୋରିଷ ବା ବେସରବଟା, କଞ୍ଚାଲଙ୍କା ଆଦି ମସଲାଜାତୀୟ ପଦାର୍ଥ ମିଶାଯାଇ ବାଉଁଶ ନଳୀରେ ରଖି ନିଆଁରେ ପୋଡ଼ାଯାଇଥାଏ।

**ବାଉଁଶର ଜାଗା ନେଉଛି ପ୍ଲାଷ୍ଟିକ:** ଆଗରୁ ଭଦ୍ରକ ଅଞ୍ଚଳରେ ବହୁଳଭାବେ ବାଉଁଶ ଗଛ ଥିଲା ଓ ଏହାର ବ୍ୟବହାର ବି ସେହି ମାତ୍ରାରେ ଥିଲା। ହେଲେ ଏହି ଅଞ୍ଚଳର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଚଷାଖଣ୍ଡି ଗାଁର ରାଜକିଶୋର ପଣ୍ଡା କୁହନ୍ତି, ଆମ ଅଞ୍ଚଳରେ ଆଗଭଳି ଆଉ ବାଉଁଶବୁଦା ନାହିଁ। ଆମର ପ୍ରାୟ ୨ଏକର ଜମିରେ ବହୁଳ ସଂଖ୍ୟାରେ ବାଉଁଶବୁଦା ରହିଥିଲା। ଦିନ ଥିଲା ଲୋକମାନେ ଘରର ଚାଳ ଛପର ଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟ ପାଇଁ ବାଉଁଶକୁ ନେଉଥିଲେ। କେବଳ ଆଷାଢ ମାସରେ ବାଉଁଶ ଗଜା ବାହାରିବା କାରଣରୁ ଏହି ସମୟକୁ ବାଦ୍ ଦେଲେ ବର୍ଷର ଅନ୍ୟ ସବୁ ସମୟରେ ବାଉଁଶ ବିକ୍ରି ହୋଇଥାଏ। ବାଉଁଶ କାରିଗର ଦଶରଥ ଜେନା କୁହନ୍ତି, ମହୁଲିଆ, ନିଶ୍ଚିନ୍ତା, ଉଗ୍ରତାରା ଓ ମଣିପୁର ଗାଁରେ ହାତଗଣତି କେତୋଟି ବାଉଁଶ କାରିଗର ପରିବାର ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। କିନ୍ତୁ ବାଉଁଶ ଦର ବଢୁଥିବାରୁ ବାଉଁଶ ତିଆରି ସାମଗ୍ରୀର ବିକଳ୍ପ ରୂପେ ପ୍ଲାଷ୍ଟିକ୍ ଏବଂ ଆଲୁମିନିୟମ ତା'ର ସ୍ଥାନ ନେଇଛି। ବାଉଁଶ କାରିଗରି ବୃତ୍ତିକୁ ପିଲାମାନେ ଅରାଜି ହେଉଛନ୍ତି।

**ଓଡ଼ିଶା ବାମ୍ବୋ ଡେଭେଲପମେଣ୍ଟ ଏଜେନ୍‌ସି :** ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ଅନ୍ୟ ଘାସଜାତୀୟ ଚାଷ ପରି ବାଉଁଶ ଚାଷକୁ ମଧ୍ୟ ଚାଷୀମାନେ ଗୁରୁତ୍ୱ ଦେଇ ଥାନ୍ତି। ରାଜ୍ୟରେ ବାମ୍ବୋ ସେକ୍ଟର ବା ବାଉଁଶ ଉଦ୍ୟୋଗର ବିକାଶ ଦିଗରେ କାମ କରୁଛି ଓଡ଼ିଶା ବାମ୍ବୋ ଡେଭେଲପମେଣ୍ଟ ଏଜେନ୍‌ସି। ବାଉଁଶ ବ୍ୟବସାୟିକ ଚାଷ ଏବଂ ବାଉଁଶ ନିର୍ମିତ ସାମଗ୍ରୀ ସବୁର ଉତ୍ପାଦନ ଦିଗରେ ଉତ୍ସାହ ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ଦେଶରେ ଯେତିକି ବାଉଁଶ ଜଙ୍ଗଲ ରହିଛି ତାହାର ୯ ପ୍ରତିଶତ ଓଡ଼ିଶାରେ ରହିଛି। ବାଉଁଶ ତିଆରି ସାମଗ୍ରୀ ପ୍ରସ୍ତୁତି ବଜାର ଓ ବିକ୍ରି ନିମନ୍ତେ ଏହା କାର୍ଯ୍ୟ କରିଥାଏ।

**ବାଉଁଶ ଜନ୍ମରୁ ମରଣ ଯାଏ ଲୋଡ଼ା :** ବାଉଁଶକୁ ସବୁଜ ସ୍ୱର୍ଣ୍ଣ ବୋଲି କୁହାଯାଏ। ଆଚାର୍ଯ୍ୟ ପବିତ୍ର ପ୍ରଧାନ କୁହନ୍ତି, ଯେତେବେଳେ ମଣିଷ ଘରଟିଏ କରିବାକୁ ଚିନ୍ତା କରେ ସେତେବେଳେ ସେ ପ୍ରଥମେ ଖୋଜୁଥିଲା ବାଉଁଶକୁ। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ଯେମିତି କି ହିନ୍ଦୁଙ୍କ ଜୀବନଶୈଳୀରେ ଷଷ୍ଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ମଧ୍ୟ ବାଉଁଶ ଖୋଜା ପଡ଼ିଥାଏ। ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ସେହିପରି ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ଏପରିକି ମଣିଷର ମରଣ ବେଳେ ମଧ୍ୟ ଛ'ଖଣ୍ଡ ବାଉଁଶ କୋକେଇ ଲାଗି ଖୋଜାପଡ଼େ। ଏହିପରି ବାଉଁଶ ବିଭିନ୍ନ କାମରେ ଆସିଥାଏ। ତେବେ ବାଉଁଶ ତିଆରି ସାମଗ୍ରୀ ପାଇଁ ସରକାରୀ ଓ ବେସରକାରୀସ୍ତରରେ ତାଲିମ ପ୍ରଦାନ ଦିଆଯାଉଥିବା ବେଳେ ହସ୍ତଶିଳ୍ପ ମେଳାରେ ବାଉଁଶ ନିର୍ମିତ ବିଭିନ୍ନ ସାମଗ୍ରୀ ବିକ୍ରି ହୋଇଥାଏ। ବନ ବିଭାଗ ତରଫରୁ ଆର୍ଥିକ ଅନୁଦାନ ସହ ବାଉଁଶ ରୋପଣ ପାଇଁ ପ୍ରୋତ୍ସାହନ କରାଯାଉଛି।

**-ବନବିହାରୀ ବେହେରା , ଅଶୋକ ପଣ୍ଡା**





# ପୂଜା ଲୁକ୍





ଦିନେ ଛାଡି ଗଣେଶ ପୂଜା। ଆଗକୁ ବି ଆହୁରି ବିଭିନ୍ନ ପୂଜା ଆସୁଛି। ଆଉ ପୂଜାପର୍ବ ସମୟରେ ଆକର୍ଷଣୀୟ ଲୁକ୍ ପାଇବାକୁ ପ୍ରାୟ ସବୁ ଯୁବତୀଙ୍କର ଇଚ୍ଛା ଥାଏ। ତେବେ କ'ଣ କଲେ ସୁନ୍ଦର ପୂଜା ଲୁକ୍ ପାଇପାରିବେ ଜାଣନ୍ତୁ ସେ ସମ୍ପର୍କରେ...



* **ଶାଢି :** ଅଲ୍ ଟାଇମ୍ ସୋବର୍ ଲୁକ୍ ଦେଇଥାଏ ଶାଢି। ତେଣିକି ସେ ପାର୍ବଣ ରତୁ ହେଉ ଅବା ବାହାଘର, ବ୍ରତଘର ଅଥବା କୌଣସି ପାର୍ଟି, ଫଙ୍କସନ୍। ଶାଢିକୁ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ପିନ୍ଧିଦେଲେ ଲୁକ୍ ବେଶ୍ ଆକର୍ଷଣୀୟ ହୋଇଯାଏ। ତେଣୁ ଗଣେଶ ପୂଜା ଭଳି ବିଶେଷ ଅବସରରେ ମଧ୍ୟ ଯୁବତୀ ଚାହିଁଲେ ଶାଢି ସାଙ୍ଗକୁ ଡିଜାଇନର୍ ବ୍ଲାଉଜ୍ ପିନ୍ଧି ନିଜକୁ ସୁନ୍ଦର ଲୁକ୍ ଦେଇପାରିବେ।

* **ସାଲୱାର୍ କମିଜ୍:** ଶାଢି ପରି ସାଲୱାର୍ କମିଜ୍ ବି ଯୁବତୀଙ୍କୁ ସୋବର୍ ଲୁକ୍ ଦେଇଥାଏ। ପୂଜାପର୍ବ ସମୟରେ ଯେଉଁମାନଙ୍କର ସାଲୱାର୍ କମିଜ୍ ପିନ୍ଧିବା ପସନ୍ଦ, ସେମାନେ ଚାହିଁଲେ ହାଲ୍‌କା ଗୋଲାପୀ, ହାଲ୍‌କା ସୁନେଲି କିମ୍ବା ଧଳା ଓ ନାଲି ରଙ୍ଗର କମ୍ବିନେଶନ ଥିବା ସାଲୱାର୍ କମିଜ୍ ପିନ୍ଧି ନିଜକୁ ଏଥନିକ୍ ଲୁକ୍ ଦେଇପାରିବେ।

* **ବାନ୍ଧେନୀ ଦୁପଟ୍ଟା:** ବାନ୍ଧେନୀ ଦୁପଟ୍ଟା ଦେଖିବାକୁ ଯେମିତି ସୁନ୍ଦର, ଏହାକୁ କୁର୍ତ୍ତି ଉପରେ ପକାଇଲେ ସେମିତି ଆକର୍ଷଣୀୟ ଲୁକ୍ ବି ମିଳେ। ଏହି ଦୁପଟ୍ଟା ପକାଇଲେ ସହଜରେ ଫେଷ୍ଟିଭ୍ ଲୁକ୍ ପାଇହୁଏ। ବିଶେଷକରି ପ୍ଲେନ୍ ସୁଟ୍ ଉପରେ ଏହି ଦୁପଟ୍ଟା ପକାଇଲେ ଲୁକ୍ ଅଧିକ ସୁନ୍ଦର ଲାଗେ।

* **କ୍ରପ୍ ଟପ୍ ଓ ଲେହେଙ୍ଗା:** ଅଧିକାଂଶ ଯୁବତୀ ଜିନ୍ସ ସହିତ କ୍ରପ୍ ଟପ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଗଣେଶ ପୂଜା ଭଳି ଅବସରରେ ଜିନ୍ସ ପରିବର୍ତ୍ତେ ଯଦି ଲେହେଙ୍ଗା କିମ୍ବା ଲଙ୍ଗ୍ ସ୍କର୍ଟ ସହ ମ୍ୟାଚିଂ କ୍ରପ୍ ଟପ୍‌କୁ ପେୟାର୍ କରାଯାଏ ତେବେ ବି ଗର୍ଜିୟସ୍ ଲୁକ୍ ମିଳିଥାଏ।

* **ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି:** ଗଣେଶ ପୂଜା ଅବସରରେ ଯଦି ଯୁବତୀମାନେ ଷ୍ଟାଇଲିଶ୍ ଲୁକ୍ ଚାହୁଁଥାନ୍ତି, ତା'ହେଲେ ତାଙ୍କ ପାଇଁ ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି ଏକ ଭଲ ଅପ୍ସନ ହୋଇପାରିବ। ଏହା ସେମାନଙ୍କୁ ଏକଦମ୍ ଡିଫରେଣ୍ଟ ଲୁକ୍ ପ୍ରଦାନ କରିବ।

* **ଶରାରା ସୁଟ୍:** ଏହା ହେଉଛି ଏକପ୍ରକାର ଭର୍ସାଟାଇଲ୍ ଆଉଟ୍‌ଫିଟ୍। ଏହାକୁ ଟିକେ ମଡର୍ଣ୍ଣ ୱେରେ କ୍ୟାରି କଲେ ପାର୍ଟି ଲୁକ୍ ପାଇହେବ। ଆଉ ଯଦି ଟିକେ ଟ୍ରାଡିସନାଲ୍ ୱେରେ ପିନ୍ଧାଯାଏ ସୋବର୍ ଅଥବା ଫେଷ୍ଟିଭ୍ ଲୁକ୍ ପାଇପାରିବେ। ଶରାରା ସୁଟ୍ ସାଙ୍ଗରେ ଶର୍ଟ କୁର୍ତ୍ତି ଯେମିତି ସୁନ୍ଦର ଲାଗେ ସେମିତି ପେପଲମ୍ ଶର୍ଟ କୁର୍ତ୍ତି ମଧ୍ୟ ଭଲ ମ୍ୟାଚ୍ କରିଥାଏ। ପୂଜାପାର୍ବଣ ସମୟରେ ଯୁବତୀ ଚାହିଁଲେ ଏହା ଉପରେ ଜ୍ୟାକେଟ୍ ପିନ୍ଧି ମଧ୍ୟ ଟିକେ ଭିନ୍ନ ଲୁକ୍ ପାଇପାରିବେ।

### କିଛି ଜାଣିବା କଥା

–ପୂଜାପାର୍ବଣ ସମୟରେ ଡାର୍କ କଲର୍ ତୁଳନାରେ ଯଦି ବ୍ରାଇଟ୍ କଲର୍‌ର ପୋଷାକ ପିନ୍ଧାଯାଏ, ତା'ହେଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

–ସେହିପରି ପିଙ୍କ୍ କିମ୍ବା ପିଚ୍ କଲର୍ ଭଳି ହାଲ୍‌କା ଶେଡ୍‌ର ପୋଷାକ ସାଙ୍ଗକୁ ଯଦି ସିଲ୍‌ଭର୍ ଅଥବା ପର୍ଲର ଜୁଏଲେରୀକୁ ମ୍ୟାଚିଂ କରି ପିନ୍ଧାଯାଏ, ତା'ହେଲେ ଗଣେଶ ପୂଜାରେ ଯୁବତୀଙ୍କୁ ଟିକେ ଭିନ୍ନ ଲୁକ୍ ମିଳିଥାଏ।

–ଆଜିକାଲି ନ୍ୟୁଡ୍ କଲର୍ସର ଖୁବ୍ ଚାହିଦା ଅଛି। ତେଣୁ ଚାହିଁଲେ ଏହି ଫେଷ୍ଟିଭ୍ ସିଜିନ୍‌ରେ ହାଲ୍‌କା ଜୁଏଲେରୀ ସହିତ ନ୍ୟୁଡ୍ ପିଙ୍କ୍ ମେକ୍‌ଅପ୍ ନେଇ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।











# ଅନନ୍ୟା ସୁଧା

**ଯେଉଁ ସମୟରେ ଇଞ୍ଜିନିୟରିଂ କେବଳ ପୁଅଙ୍କ ପାଠ ବୋଲି କୁହାଯାଉଥିଲା ସେ ସମୟରେ ସେ ଥିଲେ ତାଙ୍କ ଶ୍ରେଣୀରେ ୧୪୯ ଜଣ ପୁଅଙ୍କ ଭିତରେ ଏକମାତ୍ର ଝିଅ। ସେ ଇଞ୍ଜିନିୟରିଂ ପଢିଲେ ଆଉ ଟପ୍ପର ବି ହେଲେ। ଇଏ ହେଲେ ପଦ୍ମବିଭୂଷଣପ୍ରାପ୍ତ ସମାଜସେବୀ, ଲେଖିକା ସୁଧା ମୂର୍ତ୍ତି...**

୧୯୬୮ ମସିହାରେ ଯେତେବେଳେ ସେ ଇଞ୍ଜିନିୟରିଂ କଲେଜରେ ଆଡ୍‌ମିଶନ ନିଅନ୍ତି, ତାଙ୍କ କ୍ଲାସ୍‌ରେ ୧୪୯ ଜଣ ପୁଅଙ୍କ ଭିତରେ ସେ ଥା'ନ୍ତି ଏକୁଟିଆ ଝିଅ। ଆଉ ପୂରା ବିଶ୍ୱବିଦ୍ୟାଳୟରେ ୫୯୯ ଜଣ ପୁଅଙ୍କ ଭିତରେ ସେ ଏକମାତ୍ର ଝିଅ। ଯେଉଁ ସମୟରେ ଇଞ୍ଜିନିୟରିଂ କେବଳ ପୁଅଙ୍କ ପାଠ ବୋଲି କୁହାଯାଉଥିଲା ସେ ସମୟରେ ସେ ଇଞ୍ଜିନିୟରିଂ ପଢିଲେ ଆଉ ଟପ୍ପର ବି ହେଲେ। ଇଏ ହେଲେ ପଦ୍ମବିଭୂଷଣପ୍ରାପ୍ତ ସମାଜସେବୀ, ଲେଖିକା ତଥା ଇନ୍‌ଫୋସିସ୍ ଫାଉଣ୍ଡେଶନର ଚେୟାରପର୍ସନ **ସୁଧା ମୂର୍ତ୍ତି**। ସୁଧା ମୂର୍ତ୍ତିଙ୍କ ଜନ୍ମ ୧୯ ଅଗଷ୍ଟ ୧୯୫୦ ମସିହା କର୍ନାଟକର ଶିଗାଓଁରେ। ପିତା ଆର.ଏଚ୍ କୁଲକର୍ନି ଡାକ୍ତର ଥିବାବେଳେ ମା' ବିମଳା କୁଲକର୍ନି ଥିଲେ ଶିକ୍ଷୟିତ୍ରୀ। ମାତାପିତା ଓ ଅଜା ଆଈଙ୍କ ଦ୍ୱାରା ସେ ବଡ଼ ହୋଇଥିଲେ। ପିଲାବେଳେ ଖୁବ୍ ମେଧାବୀ ଥିବା ସୁଧା କୁହନ୍ତି, 'ଯେତେବେଳେ ମୁଁ ବି.ଭି.ବି. କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ (ଯାହା ବର୍ତ୍ତମାନ କେ.ଏଲ୍.ଇ. ଟେକ୍ନୋଲୋଜିକାଲ ୟୁନିର୍ଭସିଟି) ଆଡ୍‌ମିଶନ ନେଲି, ସେତେବେଳେ ବାପାଙ୍କୁ ସମସ୍ତେ କହିଲେ ଆପଣ କେମିତି ଜଣେ ବାପା ଯେ ଝିଅକୁ ଇଞ୍ଜିନିୟରିଂ ପଢ଼େଇବାକୁ ରାଜି ହୋଇଗଲେ ? ଆଉ ଦୁଇଟି ଝିଅ ବି ଅଛନ୍ତି କିଏ ସେମାନଙ୍କୁ ବାହାହେବ ? ସେପଟେ କଲେଜ ଅଧ୍ୟକ୍ଷ ମଧ୍ୟ ବାପାଙ୍କୁ ଡାକି କହିଲେ, ଝିଅକୁ ଯଦି ଆପଣ ଇଞ୍ଜିନିୟରିଂ ପଢେଇବାକୁ ଚାହୁଁଛନ୍ତି ତା'ହେଲେ ଆମର ତିନୋଟି ସର୍ତ୍ତ ଆପଣଙ୍କ ଝିଅକୁ ମାନିବାକୁ ପଡ଼ିବ। ପ୍ରଥମରେ ଶାଢ଼ି ପିନ୍ଧି କଲେଜ ଆସିବ। ସେତେବେଳେ ମୋର ବୟସ ଷୋହଳ କି ସତର। ଦ୍ୱିତୀୟ ସର୍ତ୍ତ ହେଲା କଲେଜରେ କେବେ ପୁଅମାନଙ୍କ ସହ କଥା ହେବନି। ତୃତୀୟରେ କେବେ କଲେଜ କ୍ୟାଣ୍ଟିନକୁ ଯିବନାହିଁ କାରଣ କ୍ୟାଣ୍ଟିନରେ ସବୁବେଳେ ପୁଅମାନେ ଥାଆନ୍ତି। ମୁଁ ଏ ତିନୋଟିଯାକ ସର୍ତ୍ତରେ ରାଜିହୋଇଗଲି। କଲେଜ ଯିବାପରେ ଜାଣିଲି ଏଠାରେ ଝିଅଙ୍କ ପାଇଁ ଉଦ୍ଦିଷ୍ଟ ଟଏଲେଟ ବି ନାହିଁ। ନିରାଶ ହେବା ବଦଳରେ ମୋ ଭିତରେ ଜିଦ୍ ଆସିଲା ଯେମିତି ବି ହେଉ ଇଞ୍ଜିନିୟରିଂ ପଢ଼ିବି। ଗୋଟିଏ ଦିନ ବି ମୁଁ କଲେଜ ବନ୍ଦ କରିନି। ପ୍ରଥମ ବର୍ଷ ଯେତେବେଳେ କଲେଜ ଟପ୍ପର ହେଲି ଜମା କଥାହେଉ ନ ଥିବା ପୁଅମାନେ ଆସି ନୋଟ୍‌ସ ମାଗିଥିଲେ। ଏଠାରୁ ବି.ଟେକ୍ କରିବାପରେ ମୁଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲି। ୧୯୭୪ ମସିହାରେ ଏମ.ଟେକ୍ କରିବା ସମୟରେ ଆମେରିକାରେ ପିଏଚ୍.ଡି କରିବା ପାଇଁ ସ୍କଲାରଶିପ ମିଳିଥିଲା। କଲେଜରୁ ଯେତେବେଳେ ହଷ୍ଟେଲକୁ ଆସିଲି ଦେଖିଲି ନୋଟିସ୍ ବୋର୍ଡରେ ଏକ ଚିଠି ଥିଲା। ଟେଲ୍‌କୋ ଜାମ୍‌ସେଦ୍‌ପୁର ଯୁବ ମେଧାବୀ ଇଞ୍ଜିନିୟର ଆବଶ୍ୟକ ବୋଲି ଚିଠି କରିଥିଲା, ଯେଉଁଥିରେ ଝିଅମାନେ ଆବେଦନ କରିପାରିବେ ନାହିଁ ବୋଲି ଲେଖାଥିଲା। ସେଦିନ ନିଷ୍ପତ୍ତି ନେଲି ଏହା ଉପରେ ଜେ.ଆର.ଡି ଟାଟାଙ୍କୁ ଚିଠି ଲେଖିବି। ସେତେବେଳେ ପ୍ରତିବର୍ଷ ମାର୍ଚ୍ଚ ୧୫ ତାରିଖରେ ଜେ.ଆର.ଡି. ଟାଟା ଆମ କଲେଜକୁ ଆସନ୍ତି ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ। ଚିଠିରେ ଲେଖିଲି 'ଯଦି ଆପଣ ଆପଣଙ୍କ କମ୍ପାନୀରେ ମହିଳାମାନଙ୍କୁ ସମାନ ଅଧିକାର ଦେବେନାହିଁ, ଦେଶ କେମିତି ଅଗ୍ରଗତି କରିବ ? ଆପଣଙ୍କ କମ୍ପାନୀ କେମିତି ଏ ଭୁଲ୍ ନିଷ୍ପତ୍ତି ନେଲା ?'







ଟାଟାଙ୍କ ଠିକଣା ତ ନ ଥାଏ, ଜେ.ଆର.ଡି. ଟାଟା, ଟେଲ୍‌କୋ ବମ୍ବେ ଲେଖି ପୋଷ୍ଟକାର୍ଡ ପଠେଇଦେଲି। ଚିଠି ପଢ଼ି ଜେ.ଆର.ଡି. ଟାଟା ଅଧିକାରୀମାନଙ୍କୁ ଡାକି କହିଲେ ଝିଅଟି ନ୍ୟାୟ ଚାହୁଁଛି। ତା'ପରେ ହଷ୍ଟେଲ ଠିକଣାରେ ମୋ ପାଖକୁ ପ୍ରଥମ ଶ୍ରେଣୀ ଟ୍ରେନ୍ ଟିକେଟ ସହ ଟେଲିଗ୍ରାମ ଆସି ପହଞ୍ଚିଲା। ମୁଁ ଟେଲ୍‌କୋ ଗଲି ଇଣ୍ଟରଭ୍ୟୁ ପାଇଁ ଆଉ ସବୁପ୍ରକାର ଟେକ୍ନିକାଲ ପ୍ରଶ୍ନର ଉତ୍ତର ମୁଁ ଠିକ୍ ଦେଇଥିଲି। ହେଲେ ଟେଲ୍‌କୋ ତରଫରୁ ମତେ କୁହାଗଲା,'ଏ କଥା ସତ ଆପଣ ଜଣେ ବହୁତ ଭଲ ଇଞ୍ଜିନିୟର। ଆମର ଗୋଟେ ଅଫିସ ପୁଣେ ଓ ଆଉଗୋଟେ ଅଫିସ ଜାମ୍‌ସେଦ୍‌ପୁରରେ। ଏଠାରେ ସିଫ୍ଟରେ କାମ ହୁଏ। ଆଉ ଜଣେ ବି ମହିଳା କର୍ମଚାରୀ ଆମର ନାହାନ୍ତି। ଆପଣଙ୍କ ପାଇଁ ଭଲହେବ ପିଏଚ୍.ଡି. କରିବା।' ମୁଁ କିନ୍ତୁ ଭାବିଲି କେବେନା କେବେ ତ ପୁଣି ଝିଅମାନେ କାମ କରିବେ, ଆରମ୍ଭ ମୋ' ଠାରୁ କାହିଁକି ନ ହେବ ? ଏହାପରେ ଟେଲ୍‌କୋର ପ୍ରଥମ ମହିଳା ଇଞ୍ଜିନିୟର ଭାବରେ ପୁଣେରେ କାମ ଆରମ୍ଭ କଲି। ପରେ ମୁମ୍ବାଇ ଓ ଜାମ୍‌ସେଦ୍‌ପୁରରେ ମଧ୍ୟ ଡେଭେଲପମେଣ୍ଟ ଇଞ୍ଜିନିୟର ଭାବରେ କାମ କଲି। ଏବଂ ପରବର୍ତ୍ତୀ ସମୟରେ ୱାଲଚାନ୍ଦ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିରେ ସିନିୟର ସିଷ୍ଟମ ଆନାଲିଷ୍ଟ ଭାବରେ କାମ କଲି।'

ଟେଲ୍‌କୋରେ ଇଞ୍ଜିନିୟର ଥିବା ସମୟରେ ୧୯୭୮ ମସିହାରେ ସୁଧାଙ୍କର ବିବାହ ହୁଏ ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ସହିତ। ଏହା ଏକ ପ୍ରେମବିବାହ। ବିବାହ ବେଳେ ଆଇଆଇଟି କାନପୁରରୁ ଶିକ୍ଷା ଗ୍ରହଣ କରିଥିବା ନାରାୟଣ ମୂର୍ତ୍ତି କିନ୍ତୁ କୌଣସି ଚାକିରି କରୁ ନ ଥିଲେ। ସୁଧାଙ୍କ ବାପା ସୁଧାଙ୍କୁ ପଚାରିଥିଲେ,'ଯେତେବେଳେ ମତେ ସମସ୍ତେ ପଚାରିବେ ସୁଧାର ସ୍ୱାମୀ କ'ଣ କରେ ବୋଲି କ'ଣ କହିବି? ସୁଧା କହିଥିଲେ କହିଦେବ 'ସୁଧାର ସ୍ୱାମୀ' ବୋଲି।

କିନ୍ତୁ ଏହାପରେ ବଦଳି ଯାଇଥିଲା ଇତିହାସର ଫର୍ଦ୍ଦ। ଭାରତରେ ସଫ୍ଟୱେରର ଆବଶ୍ୟକତାକୁ ଲକ୍ଷ୍ୟ ରଖି ନାରାୟଣ ମୂର୍ତ୍ତି ଚାହୁଁଥାନ୍ତି ବ୍ୟବସାୟ ଆରମ୍ଭ କରିବାକୁ। କିନ୍ତୁ ପାଖରେ ଏତେ ପଇସା ନ ଥାଏ। ସୁଧା ତାଙ୍କ ଘରଖର୍ଚ୍ଚରୁ କାଟି ରଖିଥିବା ୧୦୨୫୦ ଟଙ୍କାରୁ ୧୦,୦୦୦ ଟଙ୍କା ଦିଅନ୍ତି ସ୍ୱାମୀଙ୍କୁ। ୧୯୮୧ ମସିହାରେ ନାରାୟଣ ମୂର୍ତ୍ତି ପ୍ରତିଷ୍ଠା କରନ୍ତି ଇନ୍‌ଫୋସିସ୍। ଯାହାର ଚେୟାରପର୍ସନ ଅଛନ୍ତି ସୁଧା ମୂର୍ତ୍ତି। ଏହାଛଡା ସେ ପି.ଜି. ସେଣ୍ଟର ଅଫ ବାଙ୍ଗାଲୋର ବିଶ୍ୱବିଦ୍ୟାଳୟରେ ଭିଜିଟିଙ୍ଗ ପ୍ରଫେସର ଥିବାବେଳେ ଖ୍ରୀଷ୍ଟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟାପନା କରୁଛନ୍ତି। ଏହାବାଦ୍ ସେ ଜଣେ ବିଶିଷ୍ଟ ଲେଖିକା। ବିଶେଷକରି ପିଲାଙ୍କ ପାଇଁ ଲେଖୁଥିବା ସୁଧା ଉପନ୍ୟାସ, ଭ୍ରମଣ କାହାଣୀ, ପ୍ରଯୁକ୍ତି ଆଧାରିତ ଲେଖା ଓ ଜୀବନୀ ବି ଲେଖନ୍ତି। ତେବେ ପିଲାଙ୍କ ପାଇଁ ଲେଖା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଏସବୁ ପରେ ସାରା ଦୁନିଆ ଯେଉଁଥିପାଇଁ ତାଙ୍କୁ ସମ୍ମାନ ଦିଏ, ତାହା ହେଲା ତାଙ୍କର ସମାଜସେବା। ନିଜ ରୋଜଗାରର କିଛି ଅଂଶ ସେ ଜନମଙ୍ଗଳ କାର୍ଯ୍ୟରେ ବିନିଯୋଗ କରନ୍ତି। କେତୋଟି ଅନାଥାଶ୍ରମ ପ୍ରତିଷ୍ଠା କରିଥିବା ସୁଧା ଗ୍ରାମୀଣ ବିକାଶ ଦିଗରେ କାର୍ଯ୍ୟ କରିବା ସହିତ କର୍ନାଟକର ସମସ୍ତ ସରକାରୀ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇଦେବା ସହ ପାଠାଗାରର ସୁବିଧା କରିଛନ୍ତି, ଯେଉଁଥିପାଇଁ ୨୦୦୬ ମସିହାରେ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଓ ୨୦୨୩ ମସିହାରେ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ'ସମ୍ମାନରେ ସମ୍ମାନିତ କରାଯାଇଛି। ସୁଧାଙ୍କର ପରିବାର କହିଲେ ପୁଅ ରୋହନ ମୂର୍ତ୍ତି ଓ ଝିଅ ଅକ୍ଷତା ମୂର୍ତ୍ତି। ସୁଧାଙ୍କର ଜ୍ୱାଇଁ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ। ଗୋଟିଏ ପ୍ରତିଷ୍ଠିତ ପରିବାର ସହ ବହୁ ସମ୍ପତ୍ତିର ଅଧିକାରୀ ସୁଧା ମୂର୍ତ୍ତିଙ୍କ ଜୀବନଶୈଳୀ କିନ୍ତୁ ଅତି ସାଧାରଣ, ଯାହା ତାଙ୍କୁ ଅନ୍ୟମାନଙ୍କ ପାଖରେ କରିଛି ଅନନ୍ୟ।



**–ରୋଜାଲିନ୍ ମହାନ୍ତି**

# ଭଙ୍ଗା ସିଲଟ

– ତନ୍ମୟୀ ପଣ୍ଡା

ଯେବେ ଜେଜେ ମୋତେ ଖଡ଼ି ଛୁଆଁଇ ଶ୍ରୀଅକ୍ଷର ଶିଖାଇଲେ, ସେଇବେଳେ ପ୍ରଥମେ ମୁଁ ମଡ଼ାଇଲି 'ମା', ଯାହାର ଅର୍ଥ ମୋତେ ଜଣା ନ ଥିଲା। କେହି ବି ମୋତେ କହୁ ନ ଥିଲେ। ଅଥଚ ମୁଁ ପ୍ରଥମେ ଶିଖିଲି 'ମା'।

ଜେଜେମା' ଯିଏ ମୋ ଦିନ, ସିଏ ମୋ ରାତି। ଆଉ ଜଣେ କେବେ କେମିତି ଛୁଟି ନେଇ ମୋତେ ଦେଖିବାକୁ ଆସନ୍ତି, ସେ ହେଲେ ମୋ' ବାପା।

କଳା ସିଲଟଠୁଁ ବଡ଼ ଯାଦୁଗର ଆଉ ଯେ କିଏ ଥାଇପାରେ ମୋର କଳ୍ପନା ନଥିଲା। ଯାହା ଭୁଲ୍ ଲେଖିଲେ ବି ତାକୁ ଲିଭାଇ ଦେଇ ପାରୁଥିଲି ମୁଁ , ଯେବେଯାଏଁ ଠିକ୍ ଲେଖା ନ ସରିଛି। କହିବାକୁ ଗଲେ ମୋର ସବୁଠାରୁ ପ୍ରିୟବସ୍ତୁ ସିଲଟ ଓ ଜେଜେ ଥିଲେ । ନଈ ପାଣି ନଈକୁ ଯା', ମୋ ସିଲଟ ଶୁଖିଯା। ଏଇଟି ବୋଧେ ମୋ ଜୀବନର ଶିଖିଥିବା ପ୍ରଥମ ପ୍ରାର୍ଥନା।

ମୁଁ ବଡ଼ ହେଉଛି। ମୋ ଫ୍ରକ୍ ଲମ୍ବା ହେଉଛି। ଏଇକଥାକୁ ନେଇ ବାପା ଆସିଲେ ଜେଜେଙ୍କ ସହ ଲାଗେ ଯୁକ୍ତିତର୍କ, ଯାହାର ଖିଅ ମୋତେ ବୁଝାପଡ଼େନି। ମୋତେ ଡର ଲାଗନ୍ତି ବାପା ଭାରି। ମୁଁ ତାଙ୍କ ପାଖମାଡ଼େନି ଜମା । ଜେଜେମା' କୋଳ ମୋର ରକ୍ଷାକବଚ । ତଥାପି ମୁଁ ବଡ଼ ହେବାକୁ ଲାଗିଲି ।



ଦିନେ କଥା ଲମ୍ବିଲା । ବାପା ଓ ଜେଜେଙ୍କ ଭିତରେ ଅଧରାତିଯାଏଁ ପାଟିତୁଣ୍ଡ ଲାଗିଲା । ମୁଁ ଶୋଇ ପାରୁ ନ ଥିଲି । ସକାଳ ହେବା ପୂର୍ବରୁ ବାପା ଚାଲିଯାଇଛନ୍ତି ।

ମୋ' ମନରେ ଯେବେଯେବେ ଭୁଲ୍ କରିବାକୁ ମନ ହୋଇଛି, ମୁଁ ସିଲଟ ଉପରେ ତାକୁ ଗାରେଇଛି । ତାକୁ ପୁଣି ଲିଭାଇ ଦେଇଛି । ସିଲଟକୁ ଶୁଖାଇଛି । ତା' ଉପରେ ଠିକ୍‌କୁ ମଡାଇଛି।

ବାପା ପୁଣି ଅଚାନକ ଦିନେ ରାତିରେ ପହଞ୍ଚିଲେ। ସାଙ୍ଗରେ ନୂଆମା'। ଆମ ଘରେ ଯେମିତି ମହାଭାରତ ଯୁଦ୍ଧ। ପାଖ ପଡ଼ିଶା ଏକାଠି ହେଲେ। ମୁଁ ଅନେକ କଥା ବୁଝିପାରୁନଥିଲି। ନୂଆମା' ମୋତେ ଦେଖୁଥିଲା, ମୁଁ ତାକୁ । ସିଏ ମୋତେ କୋଳକୁ ଟାଣିଲା। ମୁଁ ଅମଙ୍ଗ ହେଲି। ସିଏ ଜବର କଲା । ମୁଁ ବାଧ ହୋଇ ତା' କୋଳକୁ ଗଲି। କିନ୍ତୁ ଜେଜେମା' କୋଳ ପରି ମୋତେ ନୂଆମା' କୋଳ ସୁରକ୍ଷିତ ଲାଗୁ ନ ଥିଲା। ମୁଁ ଶୋଇପଡ଼ିଲି।

ରାତି ପାହିଲାରୁ ବାପା ଓ ନୂଆମା' ଯିବାକୁ ସଜ ହେଲେଣି। ମୋତେ ବାହାରିବାକୁ କହୁଥିଲେ ବାପା। ମୁଁ ଜେଜେମା' ଆଡ଼କୁ ଚାହିଁଲି । ସିଏ ବୋଧେ କେତେବେଳୁ କାନ୍ଦୁଛି।

ଆମେ ମଟର ଗାଡ଼ିର ଅପେକ୍ଷାରେ ଥିଲୁ। ଜେଜେମା' ଆସି କ'ଣ ଗୋଟେ ଦାଣ୍ଡକୁ ଫୋପାଡ଼ି ଦେଲା। ମୋ ପ୍ରିୟ ସିଲଟ ଭାଙ୍ଗି ଯାଇଥିଲା । ବାପା କହୁଥିଲେ, 'ବଡ଼ ହେଲାଣି, ଏବେ କାଗଜ କଲମରେ ଲେଖିବାର ବେଳ।'

ମୁଁ ସତରେ ବଡ଼ ହେଇଗଲିଣି। ଖୁବ୍ ବଡ଼। ଜୀବନରେ ଅନେକ ଭୁଲ୍ କରିବସିଲିଣି। କେବଳ ଭୁଲ୍‌ମାନଙ୍କୁ ସହଜରେ ଲିଭାଇ, ଠିକ୍ ସବୁକୁ ଲେଖିବାକୁ ମୋ' ପାଖରେ ଯାଦୁଗର ସିଲଟଟିଏ ନାହିଁ ।

ଭୁଲ୍ ସବୁ ଭୁଲ୍ ହୋଇ ଜମାପୁଞ୍ଜି ବଢ଼ାଇ ଚାଲିଛନ୍ତି କେବଳ। କାଗଜ–କାଳିର ଲେଖା ସତରେ ଲିଭାଇବା କଷ୍ଟ ।

ମୋତେ ସଜାଡ଼ିବାକୁ ଜେଜେ ଆଉ ଜେଜେମା' ମଧ୍ୟ ନାହାନ୍ତି.....।

– କଟକ

ମୋ: ୮୯୧୭୩୯୨୨୪୭



# ଏମିତି କ'ଣ ମୁଁ ଚାହୁଁଥିଲି ଯେ

–ପରଂବ୍ରହ୍ମ ତ୍ରିପାଠୀ

ଏମିତି କ'ଣ ମୁଁ ଚାହୁଁଥିଲି ଯେ ?
ଏଇଆ ନା' ଅପ୍ରେଲର ଧୁଧୁ
ଖରାରେ ଗ୍ଲାସେ ପାଣି !
ମାଷ୍ଟ୍ରେ କହିଲେ
ଉପରମୁହିଁ
ଆଉ ଫାଟିଲା ନୋଳା ମୋର
ତାଙ୍କ ବେତ ନ ଫାଟିଲାଯାଏ
ପାଞ୍ଚମୁରବୀ କହିଲେ ଆଜିକାଲି
ବଢିବଢି କଥା ହେଉଛନ୍ତି ଏମାନେ
ଆଦେଶ ଦେଲେ ଲଣ୍ଡା ହୋଇ ଗାଁଟା
ସାରା ବୁଲିବୁ
ବା, ବୋଉ, ମୁଁ ଆମେ ତିନିପ୍ରାଣୀ !!!
ଏମିତି କ'ଣ ମୁଁ ଚାହୁଁଥିଲି ଯେ ?
ମୁହଁ ଛିଞ୍ଚାଡି ଥାନାବାବୁ କହିଲେ ଶାନ୍ତିରେ
ନିଃଶ୍ୱାସ ମାରିବାକୁ ଦେବନି
ତୁମେ ଛୋଟଲୋକ ଗୁଡ଼ା
ଟିଭିବାଲା ପଚାରି ଚାଲିଛନ୍ତି ଖାଲି ଲଣ୍ଡା
କରିଛନ୍ତି ନା ଆଉ କିଛି
ହିରୋଇନ ଭଳି ଦେଖାଯାଉଥିବା ଦିଦି
ଜଣଙ୍କ କାନରେ ମୋ ଫୁଙ୍କି ଚାଲିଛନ୍ତି
ତାଙ୍କ ସାଙ୍ଗେ ଯିବାକୁ ମୋ ଅଧିକାର ପାଇଁ
କେଉଁ ଦୂର ରାଜଧାନୀ !!!
ଚାରିଦିନ ହେଲାଣି ଲାଗିଛି ଏ ମେଳଣ
ଘରେ ଜଳିନି ଚୁଲି, ବା କହୁଛି ମୋ ପାଇଁ
ସେ କାଳେ ବାହାରେ ମୁହଁ ଦେଖେଇ
ପାରୁନି !!!
କାନ ଧରୁଛି ବାବୁ, ଏମିତି ଭୁଲ ଆଉ
କେବେ ହେବନି
ବୋଉ କହିଥିଲା ଆମେ ଅଛୁଆଁ,
ହେଲେ ଛୋଟ ମୁଣ୍ଡରେ
ମୋ ପଶିଲାନି
ଛୁଇଁ ଦେଲେ ମୁଁ ଅଛୁଆଁ
ବି ହେଇପାରେ ପାଣି !!!

–ନାଉଗାଁହାଟ,
ଜଗତସିଂହପୁର
ମୋ: ୯୭୧୭୩୦୨୨୦୫





# ତୁମେ ଓ ମୁଁ

–ବିଶ୍ୱରଞ୍ଜନ ଦାଶ

ଜଳି ଜାଳିବାର ଏକି ଉପାୟ ଯେ !
ତୁମେ ଅଭିମାନ କର
ମୁଁ ସ୍ୱାଭିମାନୀ କୁହେ
ତୁମେ ହଜିଯାଅ
ମୁଁ ଖୋଜୁଥାଏ
ତୁମେ କହୁଥାଅ
ମୁଁ ସହୁଥାଏ
ତୁମେ ଜିତି କି ବି ହାରୁଥାଅ
ମୁଁ ହାରି କି ବି ଜିତିଯାଏ
ହଜାରେ ପ୍ରତାରଣାରେ ବି
ତୁମେ ମୋର ପ୍ରେରଣା
ତୁମ ମନ ଶଙ୍କାଗ୍ରସ୍ତ ପଙ୍କ
ମୁଁ ତହୁଁ ଛଦ୍ମରେ ତୋଳେ ପଦ୍ମ
ତୁମେ ଅବକାଶର ଆକାଶ
ମୁଁ ଅପହଞ୍ଚ ପୃଥିବୀର ଅବଶୋଷ
ସେଥିପାଇଁ ତ
ତୁମେ ଦୀପ
ମୁଁ ଦୀପତଳ ଅନ୍ଧାର
ତୁମେ ସଦା ଉର୍ଦ୍ଧ୍ୱରେ
ମୁଁ କିନ୍ତୁ ଥାଏ ନିମ୍ନରେ
ମଗ୍ନରେ, ତୁମ ସଂଲଗ୍ନରେ ।

–ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୮୭୬୩୦୦୪୮୭୩



# ଅପେକ୍ଷା ନଭେମ୍ବରକୁ



ପ୍ରଭାସ-ଶ୍ରୁତି

'ବାହୁବଲୀ' ଫେମ୍ ପ୍ରଭାସ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ବହୁ ପ୍ରତିକ୍ଷୀତ ଫିଲ୍ମ 'ସଲାର୍' ଚଳିତ ବର୍ଷ ନଭେମ୍ବରରେ ରିଲିଜ ହେବାକୁ ଯାଉଛି। ଯଦିଓ ପୂର୍ବରୁ ଫିଲ୍ମଟି ଚଳିତ ମାସ ୨୮ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ କେତେକ କାରଣରୁ ଏହାକୁ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଖାସ୍ କଥା ହେଲା ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି 'କେଜିଏଫ' ଫେମ୍ ପ୍ରଶାନ୍ତ ନୀଲ୍। 'ସଲାର୍'ରେ ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଶ୍ରୁତି ହାସନ୍। ଏହି ଫିଲ୍ମ ବିଷୟରେ ପ୍ରଭାସ କହନ୍ତି, 'କେତେକ ଭିଏଫଏକ୍ସ ଶଟ୍‌ଗୁଡିକୁ ରି-ଚେକ୍ କରାଯାଉଛି। ସେହି କାମ ଶେଷ ହେବା ପରେ ପ୍ରିଣ୍ଟ ଫାଇନାଲ ହେବ ଓ ସେଗୁଡିକୁ ଅପଲୋଡ୍ କରାଯିବ। ସେଥିପାଇଁ ଆଉ କିଛି ଦିନ ସମୟ ଦରକାର। କେବଳ ଏଥିପାଇଁ ରିଲିଜ ଡେଟ୍‌କୁ ଘୁଞ୍ଚାଯାଉଛି। ହେଲେ ଫିଲ୍ମଟି ନଭେମ୍ବରରେ ନିଶ୍ଚୟ ରିଲିଜ ହେବ। ଏଥର ଏହି ଫିଲ୍ମରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ।' ବିଜୟ କିରାଗନ୍ଦୁର ଏହାର ପ୍ରଯୋଜନା କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ରବି ବସରୁର।

# ଏ କେମିତି ବନ୍ଧନ

ଜୀବନର ଅନ୍ୟ ନାମ ସଂଗ୍ରାମ। ଭାଇ ଏବଂ ଭାଉଜଙ୍କର ମୃତ୍ୟୁ ପରେ ଜଣେ କିପରି ନିଜ ଜୀବନକୁ ବାଧାବିଘ୍ନ ଭିତରେ ଆଗେଇ ନେଉଛି ଏବଂ ତାହାର ଶେଷ ପରିଣତି କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ଜେମ୍ସ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଏ କେମିତି ବନ୍ଧନ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଜେମ୍ସ ଏବଂ ପ୍ରଭାତ ବାବୁ। ଏହାର ସହ-ପ୍ରଯୋଜକ ଅଛନ୍ତି ସ୍ମିଥ ବାରିକ। 'ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହି ଫିଲ୍ମଟିକୁ ପ୍ରସ୍ତୁତ କରାଯାଉଛି। ଏଥିରେ କ'ଣ ନୂତନତ୍ୱ ରହିଛି ତାହା ସିନେମାଟିକୁ ଦେଖିଲେ ଦର୍ଶକ ଜାଣିପାରିବେ। ଶୁଟିଂ ସମୟରେ ଏହାର ପ୍ରତିଟି ବିଷୟ ପ୍ରତି ଧ୍ୟାନ ଦିଆଯାଉଛି। ଚିତ୍ରଟିର ନାୟକ ଅମନ ସାଜିଥିବା ବେଳେ ନାୟିକା ଭାବରେ ଅଭିନୟ କରୁଛନ୍ତି କୁକିଜ୍ ସ୍ୱାଇଁ। ଅନ୍ୟପକ୍ଷରେ ଏହାର ବିଭିନ୍ନ ଭୂମିକାରେ ଦୀପକ ମହାରଣା, ମାନସ ମିଶ୍ର, ପୂର୍ଣ୍ଣ ପାତ୍ର, ତପନ ସାହୁ, ମୁନ୍ନା ମଲ୍ଲିକ, ସ୍ମିତା ଚକ୍ରବର୍ତ୍ତୀ, କୁହୁ, ମଧୁ ବାରିକ, ସ୍ୱର୍ଣ୍ଣଲତା, ରାଜଲକ୍ଷ୍ମୀ, ସତ୍ୟେନ୍ଦ୍ର, ରୁଦ୍ର, ଜ୍ୟୋତିଶ୍ରୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ସିନେମାଟିର ନିର୍ଦ୍ଦେଶନା ଦେଉଛନ୍ତି ରାକେଶ ସାମଲ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଦେବବ୍ରତ ନାଥ। ଚଳଚ୍ଚିତ୍ରଟିର ଶୁଟିଂ କଟକ, ଯାଜପୁର ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲିଛି।



ଅମନ-କୁକିଜ

# ସେହି ଚାରି ଦିନ

ଥରେ ମନେ ପକାନ୍ତୁ ନା, 'ମୋହରା' ଫିଲ୍ମର ସୁପରହିଟ୍ ଗୀତ 'ଟିପ୍ ଟିପ୍ ବରଷା ପାନି'କୁ। କେବଳ ଗୀତଟି ନୁହେଁ, ଏହାର ଭିଜୁଆଲ ଏବେ ବି ଅନେକଙ୍କ ମନରେ ସତେଜ ହୋଇ ରହିଛି। ଅକ୍ଷୟ କୁମାର-ରବୀନା ଟଣ୍ଡନଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଥିଲା। ନିକଟରେ ଏହି ଗୀତ ବିଷୟରେ କିଛି ରୋଚକ କଥା କହିଥିଲେ ରବିନା ଟଣ୍ଡନ। ଏ ନେଇ ସେ କହନ୍ତି, 'ଟିପ୍ ଟିପ୍ ବରଷା ପାନି ଗୀତର ଶୁଟିଂ ମୋର ସବୁଦିନ ପାଇଁ ମନେ ରହିବ। ଏହାର ଶୁଟିଂ ଏକ କନଷ୍ଟ୍ରକ୍ସନ ସାଇଟ୍‌ରେ କରାଯାଇଥିଲା। ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଉଭୟ ଅକ୍ଷୟ ଏବଂ ମୁଁ କ୍ୟାମେରା ସାମ୍ନାରେ ଓ ରିହରସଲ ସମୟରେ ବେଶ୍ ପରିଶ୍ରମ କରିଥିଲୁ। ଚାରିଦିନ ମୋତେ ଖାଲି ପାଦରେ ନାଚିବାକୁ ପଡିଥିଲା। ଟ୍ୟାଙ୍କରରୁ ଯେଉଁ ଥଣ୍ଡା ପାଣି ପଡୁଥିଲା ସେଥିରେ ଓଦା ହୋଇ ଶଟ୍ ଦେବା ସହଜ ନ ଥିଲା। ମୋ ପାଦରେ ଅନେକ ଜାଗାରେ ଖଣ୍ଡିଆ ହୋଇଯାଇଥିଲା। ଆଉ ଶୁଟିଂ ପରେ ମୋତେ ୩-୪ଦିନ ପ୍ରବଳ ଜ୍ୱର ହୋଇଥିଲା। ଯାହାହେଉ ଏହି ଗୀତଟିକୁ ଏବେ ମଧ୍ୟ ବଲିଉଡ୍‌ର ଅଲଟାଇମ୍ ହିଟ୍ ଭାବରେ ଗଣନା କରାଯାଉଛି।' ୧୯୯୪ରେ ମୁକ୍ତିଲାଭ କରିଥିବା ତଥା ରାଜୀବ ରାୟଙ୍କ ନିର୍ଦ୍ଦେଶିତ ଏହି ହିଟ୍ ଫିଲ୍ମର ଉକ୍ତ ଗୀତ ପାଇଁ ଉଦିତ ନାରାୟଣ ଏବଂ ଅଲ୍‌କା ୟାଗ୍ନିକ କଣ୍ଠଦାନ କରିଥିଲେ।



ରବୀନା

# ଭାବି ନ ଥିଲେ ରାଧିକା

ରାଧିକା ଆପ୍ତେ ଅଭିନୟରେ କେତେ ଦକ୍ଷ ତାହା କହିବା ଅନାବଶ୍ୟକ। ହେଲେ ଜଣେ ଅଭିନେତ୍ରୀ ହେବେ ବୋଲି ସେ କେବେ ଭାବି ନ ଥିଲେ। ଯେତେବେଳେ ତାଙ୍କୁ ବଲିଉଡ୍‌ରେ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଲା ସେତେବେଳେ ସେ କଲେଜରେ ପଢୁଥିଲେ। ଏ ନେଇ ରାଧିକା କହନ୍ତି, 'ମୁଁ ସେତେବେଳେ କଲେଜରେ ପଢୁଥାଏ। ଆକ୍ଟିଂ କରିବି ବୋଲି କେବେ ଚିନ୍ତା କରି ନ ଥିଲି। ହେଲେ 'ୱାଃ, ଲାଇଫ ହୋ ତୋ ଐସି'ରେ ମୋତେ ଏକ ଭୂମିକାରେ ଅଭିନୟ କରିବାକୁ ଅଫର ମିଳିଲା। ଏ ନେଇ ଚିନ୍ତା କରିବା ପରେ ମୁଁ ରାଜି ହୋଇଥିଲି। ଏଥିରେ ମୁଁ ଶାହୀଦ କପୁରଙ୍କ ଭଉଣୀ ଭୂମିକାରେ ଅଭିନୟ କରିଥିଲି। ତା'ପରେ କେତୋଟି ବଙ୍ଗଳା ଏବଂ ମରାଠୀ ଫିଲ୍ମରେ ମଧ୍ୟ ଆକ୍ଟିଂ କଲି। ସମୟକ୍ରମେ ନିଜକୁ ଆଉ ମୁଁ ଅଭିନୟ ମାୟାରୁ ମୁକୁଳାଇ ପାରି ନ ଥିଲି। ଏସବୁ ଶ୍ରେୟ ମୁଁ ଦେବି ଦର୍ଶକଙ୍କୁ। କାରଣ ସେମାନଙ୍କ ପାଇଁ ମୁଁ ଆଜି ବି ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି।' ରାଧିକାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଉଛି-'ଦ ୱେଟିଂ ରୁମ୍', 'ରକ୍ତ ଚରିତ୍ର', 'ସୋର୍ ଇନ୍ ଦ ସିଟି', 'ମାଞ୍ଝି-ଦ ମାଉଣ୍ଟେନମ୍ୟାନ୍' ଏବଂ 'ମ୍ୟାଡଲି', ପ୍ୟାଡମ୍ୟାନ୍ ଆଦି। ଏହାବ୍ୟତୀତ ସେ ଅନେକଗୁଡିକ ତେଲୁଗୁ, ମରାଠୀ ଫିଲ୍ମରେ ଅଭିନୟ କରି ମଧ୍ୟ ପ୍ରଶଂସା ସାଉଁଟିଛନ୍ତି।



ରାଧିକା



ରଶ୍ମିକା

# ପ୍ରଶଂସିକା ହେବ ଏମିତି

ଯାହା କୁହନ୍ତୁ ନା କାହିଁକି ରଶ୍ମିକା ମନ୍ଦାନ୍ନାଙ୍କ ବୁଦ୍ଧିକୁ ମାନିବାକୁ ପଡିବ। ଶୁଣିବାକୁ ମିଳୁଛି ଯେ, ସେ କୁଆଡେ ପୁଣି ଥରେ ରଣବୀର କପୁରଙ୍କ ସହ ବଡ ପରଦାରେ ଦେଖାଦେବେ। ସେପଟେ ଏହି ଯୋଡିକୁ ନେଇ ପ୍ରସ୍ତୁତ ହିନ୍ଦୀ ସିନେମା 'ଆନିମଲ୍' ଚଳିତ ବର୍ଷ ଡିସେମ୍ବର ୧ରେ ରିଲିଜ ହେବାକୁ ଯାଉଛି। ଏହାର ପ୍ରମୋରେ ବର୍ତ୍ତମାନ ବ୍ୟସ୍ତ ଅଛନ୍ତି ଉଭୟ ରଣବୀର ଏବଂ ରଶ୍ମିକା। କେବଳ ସେତିକି ନୁହେଁ, ଯୁଆଡେ ଗଲେ ଏବେ ରଶ୍ମିକାଙ୍କ ମୁହଁରୁ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ରଣବୀର କପୁର। ଏ ନେଇ ରଶ୍ମିକା କହନ୍ତି, 'ରଣବୀର ଜଣେ ଚାର୍ମିଙ୍ଗ ଆକ୍ଟର। ତାଙ୍କ ସହିତ ଆକ୍ଟିଂ କରିବାର ମଜା ନିଆରା। 'ଆନିମଲ' ଫିଲ୍ମରେ ଆମ ଯୋଡି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। ପୁଣି ତାଙ୍କ ସହ ଆଉ ଏକ ସିନେମାରେ ଅଭିନୟ କରିବାର ଯୋଜନା ରହିଛି। ତେବେ ଏ ନେଇ କିଛି ଶେଷ ନିଷ୍ପତ୍ତି ନିଆଯାଇନାହିଁ।' 'ଆନିମଲ' ଫିଲ୍ମର କାହାଣୀ ଜଣେ ଗ୍ୟାଙ୍ଗଷ୍ଟର ଉପରେ ଆଧାରିତ। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ୟୁ/ଏ ସାର୍ଟିଫିକେଟ ପାଇଥିବା ଏହି ଫିଲ୍ମଟିର ଅବଧି ରହିଛି ୨ଘ. ୨୬ ମିନିଟ୍।

# ନାମ ପଛର କଥା..



ଅଟଲି

ଶାହରୁଖଙ୍କ ଅଭିନୀତ ଏବଂ ଅଟଲିଙ୍କ ନିର୍ଦ୍ଦେଶିତ 'ଜୱାନ' ଏବେ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଆଉ ଏଭଳି ସଫଳତା ପାଇବା ପରେ ଅଟଲି ହାତରେ ଏବେ ଅଫର ପରେ ଅଫର। ହେଲେ ଅଟଲିଙ୍କ ପ୍ରକୃତ ନାମ କ'ଣ ଆପଣ ଜାଣନ୍ତି? ତାଙ୍କର ପ୍ରକୃତ ନାମ ହେଉଛି ଅରୁଣ କୁମାର। ହେଲେ ତାଙ୍କ ଘରେ ଏବଂ ନିକଟ ପରିଜନମାନେ ତାଙ୍କୁ ଅଟଲି ନାମରେ ଡାକିଥାଆନ୍ତି। ଯେତେବେଳେ ସେ ସିନେମା ଜଗତରେ ପ୍ରବେଶ କଲେ ସେତେବେଳେ ନିଜର ନାମ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ଏ ନେଇ ସେ କହନ୍ତି, 'ଜଣେ ଆସୋସିଏଟ୍ ନିର୍ଦ୍ଦେଶକ ଭାବରେ ମୋ କ୍ୟାରିୟର ଆରମ୍ଭ କରିଥିଲି। ସୌଭାଗ୍ୟ ବଶତଃ ନାମୀ ନିର୍ଦ୍ଦେଶକ ଏସ. ଶଙ୍କର ମୋତେ ଏହି ସୁଯୋଗ ଦେଇଥିଲେ। ସେତେବେଳେ ମୋ ନାମକୁ ଅରୁଣ କୁମାରରୁ ପରିବର୍ତ୍ତନ କରି ଅଟଲି ରଖିବାକୁ ସ୍ଥିର କରିଥିଲି। ଯାହା ହେଉ ଦର୍ଶକଙ୍କ ଭଲ ପାଇବା ଆଜି ମୋତେ ଏତେ ପରିଚିତ କରାଇପାରିଛି।' ଜଣେ ସୋଲୋ ନିର୍ଦ୍ଦେଶକ ଭାବରେ ତାଙ୍କର ପ୍ରଥମ ସିନେମା ଥିଲା 'ରାଜା ରାନୀ'। ଏହି ଫିଲ୍ମଟିକୁ ଅପାର ସଫଳତା ମିଳିଥିଲା। ଚିତ୍ରଟି ବକ୍ସ ଅଫିସରରେ ୫୦୦ ମିଲିୟନ ଡଲାର ଆୟ କରିଥିଲା। ତାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ସିନେମା 'ଥିରି' ମଧ୍ୟ ସୁପରହିଟ୍ ହୋଇଥିଲା। ୩୭ ବର୍ଷ ବୟସ୍କ ଏହି ଯୁବ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶିତ ଅନ୍ୟ ହିଟ୍ ସିନେମାଗୁଡିକ ହେଉଛି-'ସଙ୍ଗଲି ଭୁଙ୍ଗଲି କାଡଓ୍ୱା ଥୋରେ', 'ମେର୍ଶାଲ', 'ବିଗିଲ୍' ଏବଂ ଅନ୍ଧାଘରମ୍'।

ପ୍ରଥମ ରୋଜଗାର



ଶିକ୍ଷକ ତଥା ସାହିତ୍ୟିକ ପଞ୍ଚାନନ ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ବାପାବୋଉଙ୍କ ପାଇଁ ନୂଆ ଲୁଗା କିଣିଥିଲି

ବାଲେଶ୍ୱର ଜିଲା ବାଲିଆପାଳ ନିକଟସ୍ଥ ବଗଦା ଗାଁରେ ମୋ ଜନ୍ମ। ପୁରୁଷୋତ୍ତମ ଉଚ୍ଚବିଦ୍ୟାଳୟରୁ ଦଶମ, ସୁବର୍ଣ୍ଣରେଖା ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ଏବଂ ଏଫ୍.ଏମ୍ କଲେଜରୁ ଯୁକ୍ତ ତିନି ପାସ୍ କରିବା ପରେ ବାଣୀବିହାରରେ ଇତିହାସରେ ସ୍ନାତକୋତ୍ତର ପଢ଼ିଲି। ତା'ପରେ ବି.ଇଡି କଲି। ବି.ଇଡିର ଥିଓରି ପରୀକ୍ଷା ସରିବା ପରେ ପରେ ଇଣ୍ଟରଭ୍ୟୁ ଦେଇ ବିହାରର ବରକାକାନାସ୍ଥିତ ଡି.ଏ.ଭି ପବ୍ଲିକ୍ ସ୍କୁଲ୍‌ରେ ପ୍ରଥମେ ଶିକ୍ଷକତା କରିବାକୁ ଲାଗିଲି। ଏହା ଥିଲା ୧୯୯୫ ମସିହାର କଥା ; ସେତେବେଳେ ବରକାକାନା ବିହାର ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏବେ ଏହା ଝାଡ଼ଖଣ୍ଡ ରାଜ୍ୟରେ ଆସୁଛି। ତେବେ ପ୍ରଥମ ଚାକିରିର ପ୍ରଥମ ଦରମା ଆକାରରେ ୩୦୦୦ ଟଙ୍କା ଯେବେ ହାତରେ ଧରିଲି, ସ୍ୱର୍ଗସୁଖ ପାଇଲା ଭଳି ଲାଗିଲା। ପ୍ରଥମେ ସେଠାରେ ଥିବା ଏକ ହନୁମାନ ମନ୍ଦିରକୁ ଯାଇ ଭୋଗ କଲି। ତା'ପରେ ବାପା, ବୋଉଙ୍କ ପାଇଁ ନୂଆ ଲୁଗା ଓ ସାନ ଭାଇଭଉଣୀଙ୍କ ପଢ଼ା ଖର୍ଚ୍ଚ ପାଇଁ କିଛି ଟଙ୍କା ଘରକୁ ମନିଅର୍ଡର ଓ ପାର୍ସଲରେ ପଠାଇଲି। ଆଉ କିଛି ଟଙ୍କାକୁ ବି.ଇଡିର ପ୍ରାକ୍ଟିକାଲ୍ ପାଇଁ ରେକର୍ଡ ଆଦି ପ୍ରସ୍ତୁତ କରିବାରେ ଖର୍ଚ୍ଚ କରିଥିଲି। ଏହିପରି ଭାବେ ପ୍ରଥମ ଦରମା ମୋର ଖର୍ଚ୍ଚ ହୋଇଥିଲା। ୨୦୦୨ ଯାଏଁ ବରକାକାନାରେ ରହିଲି। ତା'ପରେ ଜବାହର ନବୋଦୟ ବିଦ୍ୟାଳୟରେ ମୋର ଚାକିରି ହୋଇଗଲା। ପ୍ରଥମ ପୋଷ୍ଟିଂ ଆସାମର ଶିବସାଗର ଜିଲାସ୍ଥିତ ନବୋଦୟ ବିଦ୍ୟାଳୟରେ ହେଲା। ୩ବର୍ଷ ପରେ ବଦଳି ହୋଇ ପୁଡୁଚେରୀର ୟାନମସ୍ଥିତ ଜବାହର ନବୋଦୟ ବିଦ୍ୟାଳୟକୁ ଗଲି। ସେଠି ୧୧ ବର୍ଷ ଶିକ୍ଷକତା କରିବା ପରେ ଢେଙ୍କାନାଳର ସରାଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟକୁ ମୋର ବଦଳି ହେଲା ; ଯେଉଁଠାରେ ମୁଁ ଏବେ ବି କାର୍ଯ୍ୟରତ। ଶିକ୍ଷକତା ବ୍ୟତିତ କ୍ଷୁଦ୍ର ଗଳ୍ପ ଓ କବିତା ଲେଖିବାରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ପି.ଜି ପଢ଼ିଲାବେଳେ କିଛିଟା ଲେଖାଲେଖି କରୁଥିଲି। ତା'ପରେ ବେଶ୍ କିଛିଦିନ ନୀରବି ଯାଇଥିଲି। ଆଉ ଓଡ଼ିଶା ଫେରିବା ପରେ ପୁଣି ଲେଖାଲେଖିର ଧାରା ମୋର ଆରମ୍ଭ ହୋଇଗଲା। ସେବେଠାରୁ ୟା' ଭିତରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗପ ଓ କବିତା ଲେଖିସାରିଛି। ଯାହାକୁ ଆଧାର କରି ଖୁବ୍ ଶୀଘ୍ର ମୋର ତିନୋଟି ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି। ବିଶେଷକରି ନାରୀ ସଶକ୍ତିକରଣ, ବସ୍ତୁବାଦୀ ଦୁନିଆ, ସ୍ୱାର୍ଥବାଦୀ ମଣିଷ ସମାଜ, ଦେଶପ୍ରେମର ଅଭାବବୋଧ ଓ ସାମାଜିକ ଚଳଣୀକୁ ଆଧାର କରି ମୁଁ କବିତା ଲେଖିଥାଏ। ସେହିପରି ବୃଦ୍ଧ ଗୁରୁଜନମାନଙ୍କ ସହିତ ଆଜିକାଲିର ପିଲାଙ୍କ ଚାଲିଚଳଣ, ଦିବ୍ୟାଙ୍ଗ ପିଲାର ମା'ର ଦୁଃଖଦୁର୍ଦ୍ଦଶା ତଥା ଗରିବ ପିଲାର ସଂଘର୍ଷପୂର୍ଣ୍ଣ ଜୀବନଶୈଳୀକୁ ମୁଁ ଗପ ମାଧ୍ୟମରେ ପରିପ୍ରକାଶ କରିବାକୁ ସବୁବେଳେ ଚେଷ୍ଟା କରିଥାଏ। ଏଥିସହିତ ଶିକ୍ଷା ହେଉ ଅବା ଲେଖାଲେଖି ମାଧ୍ୟମରେ ପିଲାମାନଙ୍କୁ କିଛି ଭଲ କଥା ଶିଖାଇବାର ପ୍ରୟାସ ମୋର ସର୍ବଦା ରହିଥାଏ।

# ଉଚ୍ଛୁଳା ପ୍ରେମକୁ ଅଥୟ ମନ ଜଣାପଡେ ନାହିଁ ରାତି କି ଦିନ

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ପ୍ରଣବ କୁମାର, ଆଠଗଡ*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। 'ଉଚ୍ଛୁଳା ପ୍ରେମକୁ ଅଥୟ ମନ, ଜଣା ପଡେ ନାହିଁ ରାତି କି ଦିନ'। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ–**ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–କମଲ ରାଉତ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ–**ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ବିଜୟ, ସୁନାବେଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଗଲା। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା। ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ–**ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ପ୍ରୀତମ, କଟକ*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି ହୋଇଥାଏ।

**ପ୍ରଶ୍ନ–**ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମନ ବିଶ୍ୱାଳ, ଢେଙ୍କାନାଳ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, କିନ୍ତୁ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତିତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଉତ୍ତମ ହେବ।




ସାଥୀ



ମନର ଭାବକୁ କାଗଜରେ ଉତାରିବାର ଏକ ମାଧ୍ୟମ ହେଉଛି ପେନ୍ ବା କଲମ। କାହିଁ କେବେଠାରୁ ପେନ୍ ନିଜର ଏହି କାମ କରିଆସୁଛି। ତେବେ ଆଜିକାଲି ଏମିତି ବି ପେନ୍ ଆସିଲାଣି ଯାହା କେବଳ ଲେଖିବା କାମରେ ସୀମିତ ହୋଇ ରହି ନାହିଁ ଏହା ଏମିତି ଆହୁରି ଅନେକ କାମ କରିପାରୁଛି ଯାହାକୁ ଦେଖିଲେ ଲାଗେ ଜାଦୁ ପରି..

# ମ୍ୟାଜିକ୍ ପେନ୍





**ଇଙ୍କଲେସ୍ ମ୍ୟାଜିକ୍ ପେନ୍:** ସ୍ୟାହୀ ନ ଥିଲେ ପେନ୍ ଅଦରକାରୀ ପାଲଟିଯାଏ। ତେବେ ଏମିତି ବି ଏକ ପେନ୍ ଅଛି, ଯେଉଁଥିରେ ସ୍ୟାହୀ ନାହିଁ ତେବେ ବି ସେଥିରେ ଲେଖି ହୁଏ। ସେପୁଣି ସବୁପ୍ରକାରର କାଗଜରେ ଲେଖି ହୁଏ। ଏଥିରେ ସ୍ୟାହୀ ସରିବାର ବି ଚିନ୍ତା ନାହିଁ। ଏହାର ମେଟାଲରେ ତିଆରି ନିବ୍‌ରେ ଲେଖିଲେ ପେନ୍‌ସିଲ ପରି ଲେଖି ହୁଏ ଓ ଏହାକୁ ଏକ ସ୍ୱତନ୍ତ୍ର ଇରେଜର୍‌ରେ ଲିଭାଇ ମଧ୍ୟ ହୁଏ। ତେବେ ଏହାର ନିବ୍ ପେନ୍‌ସିଲ ନିବ୍ ପରି ସରେ କି ନିବ୍‌କୁ କାଟି ସାର୍ପ କରିବାର ଆବଶ୍ୟକତା ବି ନାହିଁ। ସେଥିପାଇଁ ତ ଜାଦୁ ପରି ଲାଗେ ଏହି ପେନ୍।

**ନାଇଟ୍ ରାଇଟର୍ ଏଲଇଡ଼ି ପେନ୍:** ଏହି ପେନ୍ ଦେଖିବାକୁ ବହୁତ ସିମ୍ପଲ। ତେବେ ଉକ୍ତ ପେନ୍‌ର ସାମ୍ନା ଭାଗରେ ଓ ନିବ୍ ଉପରକୁ ଏଲଇଡି ଲାଇଟ୍ ଲାଗିଛି। ଯଦ୍ୱାରା ଅନ୍ଧାର ଅବା କମ୍ ଲାଇଟ୍ ଥିବା ସମୟରେ ବି କାଗଜରେ ଯାହା ଲେଖିବେ ତାହା ସ୍ପଷ୍ଟ ଦେଖାଯିବ। ପାଇଲଟ୍‌ଙ୍କ ପାଇଁ ଏହା ବେଶ୍ ଉପଯୋଗୀ। କାରଣ ସେମାନେ କକ୍‌ପିଟ୍‌ର ଲାଇଟ୍ ଅନ୍ ନ କରି ନୋଟ୍ କରନ୍ତି ଓ ମ୍ୟାପ୍‌ରେ ମାର୍କ କରନ୍ତି। ଏହାବାଦ ରୁମ୍‌ର ଅନ୍ୟ କାହାକୁ ଡିଷ୍ଟର୍ବ ନ କରି ଲାଇଟ୍ ଅଫ୍ ଥାଇ ବି ଆପଣ ଲେଖି ପାରିବେ। ଏହା ବ୍ୟାଟେରୀରେ ଚାଲିଥାଏ। ଆଉ ଏହା କଳା, ନୀଳ, ଲାଲ ତିନୋଟି ରଙ୍ଗରେ ଆସେ।

**କଲର୍ ପିକର୍ ପେନ୍:** ଏହି ପେନ୍ ବି ଜାଦୁ ପରି କାମ କରେ। ଉକ୍ତ ପେନ୍‌କୁ ଯେକୌଣସି ପ୍ରାକୃତିକ ଜିନିଷ ସହ ସ୍ପର୍ଶ କରାଇଲେ ପେନ୍‌ଟି ସେହି ଜିନିଷର ରଙ୍ଗକୁ କ୍ୟାପ୍ଚର କରିନିଏ। ଆଉ ସେହି ରଙ୍ଗରେ ଲେଖି ହୁଏ। ତେଣୁ କୌଣସି ଜିନିଷର ଚିତ୍ର କରି ତାକୁ ତାର ପ୍ରାକୃତିକ ରଙ୍ଗ ଦେବାକୁ ଚାହୁଁଥିଲେ ଏହି ପେନ୍‌କୁ ବ୍ୟବହାର କରିପାରିବେ।


**ପେନ୍ ପ୍ରୋଜେକ୍ଟର:** ଉକ୍ତ ପେନ୍ ଏତେ ଉପାଦେୟ ଯେ, ସମସ୍ତେ ଏହାକୁ ପାଖରେ ରଖିବାକୁ ଚାହିଁବେ। ଦେଖିବାକୁ ସାଧାରଣ ଲାଗୁଥିଲେ ହେଁ ଉକ୍ତ ପେନ୍ ଲେଖିବା ବ୍ୟତିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାମ ମଧ୍ୟ କରେ। ତାହା ହେଉଛି ପ୍ରୋଜେକ୍ଟରର। ସାଧାରଣ ପ୍ରୋଜେକ୍ଟର ଯେତିକି ପାୱାରଫୁଲ ଏହି ଛୋଟ ପେନ୍ ପ୍ରୋଜେକ୍ଟର ସେତିକି ପାୱାରଫୁଲ। ଏହାକୁ ନେବା ଆଣିବା କରିବା ସହଜ। ବ୍ୟବହାର କରିବା ବି ସହଜ। ଷ୍ଟେନଲେସ୍ ଷ୍ଟିଲର ଏହି ପେନ୍ କମ୍ ପ୍ରୋଜେକ୍ଟରରେ ବ୍ଲୁଟୁଥ୍ ଓ ଏଲଇଡି ସିଷ୍ଟମ ବି ଅଛି।


**ଲେଜର୍ ପେନ୍:** ଏହା ଏକ ରେଗୁଲାର ବଲ୍ ପଏଣ୍ଟ ପେନ୍। ତେବେ ଏଥିରେ ଏକ ପଏଣ୍ଟର ଥାଏ ଯେଉଁଥିରୁ ଲେଜର୍ ଲାଇଟ୍ ବାହାରିଥାଏ। ଏହାଦ୍ୱାରା କୌଣସି ଜିନିଷକୁ ହାଇଲାଇଟ୍ କରି ଦେଖାଇବା ସହଜ ହୁଏ। ଏହାବାଦ ପ୍ରେଜେଣ୍ଟେସନ୍ ଓ ଅନ୍ୟାନ୍ୟ ଅଫିସ କାମରେ ବି ଏହା ଲାଗିପାରେ। ଟୁର ଗାଇଡ୍, ମ୍ୟୁଜିୟମରେ ବି ଏହାକୁ ବ୍ୟବହାର କରିହେବ।

**କ୍ରାମ୍ପ ଫ୍ରି ପେନ୍:** ଅନେକ ସମୟରେ ଅଧିକ ସମୟ ଲେଖିଲେ ଆଙ୍ଗୁଠି କାଟେ। ତେବେ ଏ ହେଉଛି ଏମିତି ଏକ ପେନ୍, ଯାହାକୁ ବ୍ୟବହାର କଲେ ଆଙ୍ଗୁଠି କାଟିବ ନାହିଁ। ଆଲୁମିନିୟମ୍‌ରେ ତିଆରି ଉକ୍ତ ପେନ୍‌ରେ ତର୍ଜନୀ ବା ବିଶି ଆଙ୍ଗୁଠି ଓ ବୁଢା ଆଙ୍ଗୁଠି ରଖିବା ଲାଗି ତିନି ପାର୍ଶ୍ୱରେ ରବର୍ ଗ୍ରିପ୍ ରହିଛି। ଯଦ୍ୱାରା ଲେଖିବା ବେଶ୍ ଆରାମଦାୟକ ହୋଇଥାଏ ଓ ଯେତେ ଲେଖିଲେ ବି ହାତ କାଟେନା। ଇଂରାଜୀ ଅକ୍ଷର Y ପରି ଏହି ପେନ୍‌ର ଡିଜାଇନ୍।







## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ମନୀଷା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ: ଏଲିଗାଣ୍ଟ ଫଟୋଗ୍ରାଫି**

## ହାଃ ହାଃ

### ଅର୍ଥ

ଶିକ୍ଷକ: 'ତମସୋ ମା ଜ୍ୟୋତିର୍ଗମୟ'ର ଅର୍ଥ କିଏ କହିପାରିବ ?
ପପୁ: ସାର୍, ମୁଁ କହିବି।
ଶିକ୍ଷକ: ହଉ କହ।
ପପୁ: ଏହାର ଅର୍ଥ ହେଉଛି– 'ତମେ ଶୋଇଯାଅ ମା', ମୁଁ ଜ୍ୟୋତି ଘରକୁ ଯାଉଛି'।

### ଚେନ୍ନାଇ

ପପୁ ରାଜୁକୁ: ତୁ ଏତେ ବୁଦ୍ଧିଆ ବୋଲି ନିଜକୁ ଭାବୁଛୁ, କହିପାରିବୁ ଚେନ୍ନାଇର ନାଁ ଚେନ୍ନାଇ କାହିଁକି ରଖାଯାଇଛି ?
ରାଜୁ: ଓଃ, ଏଇଟା ଗୋଟେ ପ୍ରଶ୍ନ। ତୁ ପ୍ରଥମେ ମତେ କହ ଚେନ୍ନାଇରେ ପୁରୁଷମାନେ କ'ଣ ପିନ୍ଧନ୍ତି ?
ପପୁ: ଲୁଙ୍ଗି।
ରାଜୁ: ହଁ, ଠିକ। ଆଉ ତୁ ତ ଜାଣିଥିବୁ ଲୁଙ୍ଗିରେ ଚେନ୍ ନ ଥାଏ। ଚେନ୍ ନାଇଁରୁ ଚେନ୍ନାଇ ହେଇଛି। ବୁଝିଲୁ।

### ବିଦ୍ୟା

ଶ୍ରେଣୀ ଗୃହରେ ଶୋଇଥିବା ରଘୁକୁ ଶିକ୍ଷକ : ତୁ ସ୍କୁଲ କାହିଁକି ଆସୁଛୁ ?
ରଘୁ: ସାର୍, ବିଦ୍ୟା ପାଇଁ।
ଶିକ୍ଷକ: ତା'ହେଲେ କ୍ଲାସ୍ ଭିତରେ ଶୋଉଛୁ କାହିଁକି ?
ରଘୁ: ଆଜି ବିଦ୍ୟା ଆସିନି ତ ସେଥିପାଇଁ।

# ହିଡ଼ିମ୍ବା ଦେବୀ ମନ୍ଦିର

**ହିଡ଼ିମ୍ବା ଦେବୀ ମନ୍ଦିର ହୀମାଚଳ ପ୍ରଦେଶର ମନାଲିଠାରେ ଅବସ୍ଥିତ। ଏହା ଏକ ପ୍ରାଚୀନ ଗୁମ୍ଫା ମନ୍ଦିର; ଯାହା ହିଡ଼ିମ୍ବା ଦେବୀଙ୍କୁ ସମର୍ପିତ। ସୂଚନାନୁଯାୟୀ, ହିଡ଼ିମ୍ବା ଦେବୀ ହେଉଛନ୍ତି ଭୀମଙ୍କର ରାକ୍ଷସୀ ପତ୍ନୀ। କେହି କେହି ତାଙ୍କୁ ହିଡ଼ିମ୍ବୀ ଦେବୀ ବା ହଡ଼ିମ୍ବା ଦେବୀ ବୋଲି ବି କହିଥାନ୍ତି। ଏହି ମନ୍ଦିରଟି ମନାଲି ନିକଟସ୍ଥ ଏକ ଉଚ୍ଚ ସ୍ଥାନରେ ଅଛି; ଯାହାକୁ ଚର୍ତୁଃପାଶ୍ୱରୁ ଦେବଦାରୁ ବୃକ୍ଷ ଘେରି ରହିଛି...**

ହୀମାଚଳପ୍ରଦେଶର ମନାଲିଠାରେ ହିଡ଼ିମ୍ବା ଦେବୀଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ରହିଛି, ଯାହାର ନାଁ ହେଉଛି ହିଡ଼ିମ୍ବା ଦେବୀ ମନ୍ଦିର। ସୂଚନାନୁଯାୟୀ, ଭୀମଙ୍କର ରାକ୍ଷସୀ ପତ୍ନୀ ହିଡ଼ିମ୍ବା ଦେବୀଙ୍କୁ ଏଠାରେ ଉପାସନା କରାଯାଇଥାଏ। ଏହା ହେଉଛି ମନାଲିର ଏକ ଲୋକପ୍ରିୟ ମନ୍ଦିର। ମନାଲି ବୁଲି ଆସୁଥିବା ପର୍ଯ୍ୟଟକ ଏହି ମନ୍ଦିର ଦେଖିବାକୁ ନିଶ୍ଚୟ ଯାଇଥାନ୍ତି। ସ୍ଥାନୀୟ ଲୋକେ ଏହାକୁ ଢୁଙ୍ଗରୀ ମନ୍ଦିର ବୋଲି ବି କହିଥାନ୍ତି। କେହି କେହି ତ ଏହାକୁ ହଡ଼ିମ୍ବା ଅଥବା ହିଡ଼ିମ୍ବୀ ଦେବୀ ମନ୍ଦିର ବୋଲି ବି ସମ୍ବୋଧନ କରିଥାନ୍ତି।



**ମନ୍ଦିରକୁ ନେଇ ପୌରାଣିକ କଥା**

ପୌରାଣିକ କଥା ଅନୁଯାୟୀ, ହିଡ଼ିମ୍ବା ଜଣେ ରାକ୍ଷସୀ କନ୍ୟା ହୋଇଥିଲେ ବି ତାଙ୍କ ମନରେ ଦୟାଭାବ ଥିଲା। ହେଲେ ତାଙ୍କ ଭାଇ ହିଡ଼ିମ୍ବ କ୍ରୁର ପ୍ରକୃତିର ଥିଲେ। ସିଏ ନିଜ ସ୍ୱାର୍ଥ ପାଇଁ ଭଉଣୀକୁ ସବୁବେଳେ ବ୍ୟବହାର କରୁଥିଲେ। ଭାଇର ଖୁସି ପାଇଁ ହିଡ଼ିମ୍ବା ବାଧ୍ୟ ହୋଇ ସବୁକାମ କରୁଥିଲେ। ଉଭୟ ଭାଇ ଭଉଣୀ ଏହି କ୍ଷେତ୍ରରେ ରହୁଥିଲେ। ହିଡ଼ିମ୍ବା ପ୍ରତିଜ୍ଞା କରିଥିଲେ ଯେ, ତାଙ୍କ ଭାଇ ହିଡ଼ିମ୍ବଙ୍କୁ ଯିଏ ଯୁଦ୍ଧରେ ପରାସ୍ତ କରିଦେବ, ତାଙ୍କୁ ହିଁ ସେ ବିବାହ କରିବେ। ସମୟକ୍ରମେ, ପାଣ୍ଡବମାନେ ନିର୍ବାସିତ ଥିବା ସମୟରେ ଯେତେବେଳେ ବୁଲିବୁଲି ଏହି ସ୍ଥାନକୁ ଆସିଲେ, ସେତେବେଳେ ପଞ୍ଚ ପାଣ୍ଡବଙ୍କ ମଧ୍ୟରୁ ଭୀମ  ହିଡ଼ିମ୍ବର ଯାତନା ଓ ଅତ୍ୟାଚାରରୁ ସ୍ଥାନୀୟ ଲୋକଙ୍କୁ ରକ୍ଷା କରିବା ପାଇଁ ତା'ସହିତ ଯୁଦ୍ଧ କଲେ ଏବଂ ତାକୁ ପରାସ୍ତ କରିଦେଲେ। ପ୍ରତିଜ୍ଞା ଅନୁସାରେ, ହିଡ଼ିମ୍ବା ଭୀମଙ୍କୁ ରାଜି କରାଇ ତାଙ୍କ ସହିତ ବିବାହ କଲେ। ପରେ ଭୀମ ଓ ହିଡ଼ିମ୍ବାଙ୍କର ଘଟୋତ୍କଚ ନାମରେ ଏକ ପୁତ୍ର ସନ୍ତାନ ଜନ୍ମ ହେଲା। ଘଟୋତ୍କଚ ବଡ଼ ହେବା ପରେ ତା' ହସ୍ତରେ ସମସ୍ତ ଦାୟିତ୍ୱ ଦେଇ ହିଡ଼ିମ୍ବା ନିଜର ରାକ୍ଷସୀ ଜୀବନରୁ ମୁକ୍ତି ପାଇବା ପାଇଁ ଜଙ୍ଗଲକୁ ଯାଇ ଧ୍ୟାନ କରିବାକୁ ଲାଗିଲେ। ବହୁ ବର୍ଷ ତପସ୍ୟା କରିବା ପରେ ଈଶ୍ୱର ତାଙ୍କର ପ୍ରାର୍ଥନା ଶୁଣିଲେ ଆଉ ତାଙ୍କୁ ଦେବୀ ହେବାର ଗୌରବପ୍ରାପ୍ତ ହେଲା। ଶୁଣିବାକୁ ମିଳେ ଯେ, ହିଡ଼ିମ୍ବା ଜଙ୍ଗଲରେ ଯେଉଁ ଚଟାଣ ଉପରେ ବସି ତପସ୍ୟା କରୁଥିଲେ, ପରବର୍ତ୍ତୀ ସମୟରେ ଠିକ୍ ସେହି ଚଟାଣ ଉପରେ ହିଁ ମହାରାଜା ବାହାଦୂର ସିଂଙ୍କ ଦ୍ୱାରା ହିଡ଼ିମ୍ବା ଦେବୀଙ୍କର ଏହି ମନ୍ଦିରଟି ନିର୍ମାଣ କରାଗଲା।

**ମନ୍ଦିରର ଗଠନଶୈଳୀ**

ପଗୋଡ଼ା ଶୈଳୀରେ ନିର୍ମିତ ହୋଇଥିବାରୁ ଏହି ମନ୍ଦିରଟି ଦେଖିବାକୁ ଟିକେ ଭିନ୍ନ ହୋଇଥାଏ। ସାଧାରଣତଃ କାଠରେ ତିଆରି ଏହି ମନ୍ଦିରଟିର ଥାକ ଥାକ ହୋଇ ୪ଟି ଛାତ ରହିଛି। ତଳ ୩ଟି ଛାତ ଦେବଦାରୁ ଗଛର କାଠରେ ତିଆରି ହୋଇଥିବାବେଳେ ସବା ଉପର ଛାତଟି ତମ୍ବା ଓ ପିତଳରେ ତିଆରି। ଏହି ମନ୍ଦିରରେ ହିଡ଼ିମ୍ବା ଦେବୀଙ୍କର କୌଣସି ମୂର୍ତ୍ତି ନାହିଁ ବରଂ ତାଙ୍କ ପାଦ ଚିହ୍ନ ଉପରେ ଏକ ବଡ଼ ପଥର ରଖି ତାହାକୁ ଦେବୀ ସ୍ୱରୂପ ଏଠାରେ ପୂଜା କରାଯାଉଛି। ଏହି ମନ୍ଦିରର କିଛି ଦୂରରେ ଘଟୋତ୍କଚଙ୍କୁ ସମର୍ପିତ ଏକ ମନ୍ଦିର ଥିବାର ଦେଖିବାକୁ ମିଳେ।



**ପୂଜାପାର୍ବଣ**

ଶ୍ରାବଣ ମାସ ଓ ଦଶହରା ସମୟରେ ଏଠାରେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ମେଳାମହୋତ୍ସବ ବି ହୁଏ।

**କେବେ ଓ କେମିତି ଯିବେ**

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ଶ୍ରାବଣ ମାସ, ଦଶହରା ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ଦେଖିବାକୁ ମିଳେ। ତା'ଛଡ଼ା ଏହା ମନାଲି ହିଲ୍‌ଷ୍ଟେଶନ ପାଖରେ ଥିବାରୁ ଶୀତଦିନେ ତୁଷାରପାତର ମଜା ନେବାକୁ ବି ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଭୁଣ୍ଟର ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଜୋଗିନ୍ଦର ନଗର ରେଲୱେ ଷ୍ଟେଶନ ହେଉଛି ଏଠାକାର ଏକ ମୁଖ୍ୟ ତଥା ନିକଟବର୍ତ୍ତୀ ରେଳଷ୍ଟେଶନ।





# ମୋତି କିଛି କଥା



ମୋତିର ଚମକ ଦେଖିଲେ ଆଖିରେ ଆପେ ଚମକ ଆସିଯାଏ। ଏହି ମୋତି ଦିନେ ପ୍ରତିପତିର ପ୍ରତିକ ବି ଥିଲା। ସେଇଥିପାଇଁ ତ କାହିଁ କେବେଠାରୁ ଆଜିଯାଏ ମୋତିର ଆଦର ରହି ଆସିଛି। ଏଥର ଜାଣିବା ମୋତି ସମ୍ପର୍କରେ କିଛି..

**ଜିବୀତ ପ୍ରାଣୀରୁ ମିଳୁଥିବା ଏକମାତ୍ର ରତ୍ନ:** ମୋତି ଏକ ରତ୍ନ। ତେବେ ଏହା ଅନ୍ୟ ରତ୍ନ ଯେମିତିକି ନିଲମ, ମାଣିକ, ପନ୍ନା, ହୀରା ଆଦିଠାରୁ ଭିନ୍ନ। କାରଣ ଏହା ଜୀବିତ ପ୍ରାଣୀଠାରୁ ମିଳୁଥିବା ଏକମାତ୍ର ରତ୍ନ। ଅନ୍ୟ ରତ୍ନଗୁଡ଼ିକ ପୃଥିବୀର କଠିନ ଆବରଣକୁ ଖନନ କରି ବାହାର କରାଯାଇଥାଏ। ପ୍ରାକୃତିକ ମୋତି ବହୁତ ବିରଳ। ପ୍ରତି ୧୦,୦୦୦ ଶିପ/ଶାମୁକା ମଧ୍ୟରୁ ୧ରୁ ବି କମ୍‌ରେ ମୋତି ମିଳିଥାଏ।

**ପ୍ରାକୃତିକ ମୋତି ପ୍ରସ୍ତୁତି ପ୍ରକ୍ରିୟା:** ସମୁଦ୍ରର ଶାମୁକା ହେଉକି ମଧୁର ଜଳ ଶାମୁକା ଉଭୟେ ନିଜକୁ ପ୍ରାକୃତିକ ଭାବେ ସୁରକ୍ଷା ପ୍ରଦାନ କରିବା ପ୍ରକ୍ରିୟାରୁ ହିଁ ମୋତି ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଅର୍ଥାତ୍ ଯେତେବେଳେ କୌଣସି ପରଜୀବୀ, ଏମିତିକି ଛୋଟ ବାଲିକଣା ତା'ର ଖୋଳ ଭିତରକୁ ପ୍ରବେଶ କରି ତା'ର ନରମ ଶରୀରକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ଶାମୁକା ତାହାକୁ ନିଜକୁ ସୁରକ୍ଷା ପ୍ରଦାନ କରିବା ପାଇଁ ତା' ଶରୀରରୁ ଧୀରେ ଧୀରେ ଆରଗୋନାଇଟ୍ ଏବଂ କନଚିଓଲିନ୍(ଯେଉଁ ରସାୟନରେ ଶାମୁକାର ଶକ୍ତ ଆବରଣ ତିଆରି ହୋଇଥାଏ) କ୍ଷରଣ କରିଥାଏ। ଏହି କ୍ଷରଣ ଧାରା ବହୁବାର ହୋଇ ଧୀରେ ଧୀରେ ମୋତି ପ୍ରସ୍ତୁତ ହୋଇଯାଏ। ମୋତିର ରଙ୍ଗ ସବୁବେଳେ ଧଳା ହୋଇ ନ ଥାଏ। ଏହା ଗୋଲାପୀ, ବଦାମୀ, କଳାରଙ୍ଗର ବି ହୋଇଥାଏ।

**ବିରଳ ଏବେ ପ୍ରାକୃତିକ ମୋତି:** ବିଂଶ ଶତାବ୍ଦିର ପ୍ରାରମ୍ଭ ବେଳକୁ ମୋତିର ଲୋକପ୍ରିୟତା ବହୁତ ମାତ୍ରାରେ ବଢିଗଲା। ଫଳରେ ମାଛ ଧରାଳୀମାନେ ପ୍ରଚୁର ଶାମୁକା ଧରିଲେ। ଏହାଦ୍ୱାରା ମହାସାଗରର ଶାମୁକା ସଂଖ୍ୟା କମିବାକୁ ଲାଗିଲା। ଆଉ ପ୍ରାକୃତିକ ମୋତି କମି କମି ଦୁର୍ଲଭ ରତ୍ନ ଭାବେ ଗଣନା ହେବାକୁ ଲାଗିଲା।

**କଲ୍‌ଚର୍‌ଡ ମୋତି:** ଜାପାନର ବ୍ୟବସାୟୀ କୋକିଚି ମିକିମୋଟୋ ହେଉଛନ୍ତି କଲଚର୍‌ଡ ପର୍ଲ ବା କୃତ୍ରିମ ଉପାୟରେ ତିଆରି ମୋତିର ଜନକ। ୧୮୭୮ରେ ସେ ନିଜର ଏକ ପର୍ଲ ଓ ଏଷ୍ଟର ଫାର୍ମ କରି ମୋତି ତିଆରି କରିବାର ବିଧିପୂର୍ବକ ପରୀକ୍ଷଣ ଆରମ୍ଭ କରିଥିଲେ। ଅନେକ ବିଫଳତା ଓ ବହୁ କ୍ଷତି ପରେ ୧୮୯୩ରେ ସେ କଲ୍ଚର୍ଡ ପର୍ଲ ତିଆରି କରିବାରେ ସଫଳ ହେଲେ। ଏବେ ତ ବଜାରରେ ମିଳୁଥିବା ୯୯ ପ୍ରତିଶତ ମୋତି କଲ୍ଚର୍ଡ ପର୍ଲ ଅଟେ।

**ସବୁଠୁ ପ୍ରସିଦ୍ଧ ମୋତି:** ଲା ପେରେଗ୍ରୀନା ହେଉଛି ଏକ ନାସପାତି ଆକାରର ମୋତି। ଏହା ଏକ ଛୋଟ ଅଣ୍ଡା ପରି ବି ଲାଗେ। ଏହାକୁ ପୃଥିବୀର ସବୁଠାରୁ ଐତିହାସିକ ଓ ପ୍ରସିଦ୍ଧ ମୋତି ଭାବେ ଗଣନା କରାଯାଏ। ଉକ୍ତ ମୋତିର ଉତିହାସ ୫୦୦ ବର୍ଷ ପୁରୁଣା। ଏହାକୁ ଅନେକ ସ୍ପେନୀୟ ରାଣୀ ଧାରଣ କରିସାରିଛନ୍ତି। ବର୍ତ୍ତମାନ ଏହା ଅଭିନେତ୍ରୀ ଏଲିଜାବେଥ୍ ଟେଲର୍‌ଙ୍କ ପାଖରେ ଅଛି।

**ସର୍ବ ପୁରାତନ ମୋତି:** ୨୦୧୨ରେ ଫ୍ରାନ୍ସ ଗବେଷକମାନେ ସବୁଠାରୁ ପୁରାତନ ମୋତିର ସନ୍ଧାନ କରିଥିଲେ, ଯାହାକି ଦୁବାଇରେ ମିଳିଥିଲା। ଏହାର ନାମ 'ଉମ୍ ଅଲ କୁୱେନ୍' ଦିଆଯାଇଥିଲା। ଏହି ମୋତି ୭୫୦୦ ବର୍ଷ ପୁରାତନ ବୋଲି ଦାବି କରାଯାଏ।

**ମୋତି ଥିଲା ପ୍ରତିପତିର ପ୍ରତିକ:** ପ୍ରାଚିନ କାଳରେ ରୋମରେ ମୋତିକୁ ଧନ ଓ ପ୍ରତିଷ୍ଠାର ପ୍ରତିକଭାବେ ବିବେଚନା କରାଯାଉଥିଲା। ଏହାକୁ କେବଳ ରାଜାମହାରାଜା ଓ ଧନୀକ ପରିବାର ରଖିବାର ନିୟମ ଜୁଲିୟସ ସିଜର୍ କରିଥିଲେ।





# ରୋବୋ ପଢାଉଛି ପାଠ





ସ୍କୁଲ ୟୁନିଫର୍ମ ପନ୍ଧି, ମୁଣ୍ଡରେ ଦୁଇଟି ବେଣୀ ଓ ଧଳା ରିବନ ବାନ୍ଧି ଥିବା ଏକ କୁନି ଝିଅଟି ପ୍ରକୃତରେ ଏକ ରୋବୋ। କର୍ନାଟକ ସିର୍‌ସି ଗ୍ରାମର ଶିକ୍ଷକ ଅକ୍ଷୟ ମାଶେଲକର୍ ତିଆରି କରିଛନ୍ତି ଉକ୍ତ ସୁନ୍ଦର ରୋବୋଟିକୁ, ଯାହାର ନାଁ 'ଶିକ୍ଷା'। ଗାଁର ଶିକ୍ଷା ପଦ୍ଧତିକୁ ଅଧିକ ମଜାଦାର ଓ ଆଧୁନିକ ତଥା ବୈଜ୍ଞାନିକ ଶୈଳୀର କରିବା ଲାଗି ସେ ଏହି ରୋବୋ ନିର୍ମାଣ କରିଛନ୍ତି। ଅକ୍ଷୟଙ୍କ ପରିବାର ଶିକ୍ଷାଦାନ ସହ ଜଡ଼ିତ ଥିବାରୁ ସେ ବି ଶିକ୍ଷାଦନ କରିବା ଲାଗି ପିଲାଟି ବେଳୁ ନିଷ୍ପତ୍ତି ନେଇଥିଲେ। ଆଉ ବଡ଼ ହେବା ପରେ ସତକୁସତ କଲେଜ୍ ପ୍ରଫେସର୍ ହେଲେ। ଅକ୍ଷୟ ଜାଣନ୍ତି ଗାଁର ଶିକ୍ଷା ପଦ୍ଧତି ବହୁତ ଅନୁନ୍ନତ। ଆଜି ବି ପୁରୁଣା ଶୈଳୀରେ ପଢା ଯାଉଛି। ତେଣୁ କୋଭିଡ଼ ସମୟରେ ମିଳିଥିବା ଅବସର ସମୟକୁ ଗ୍ରାମର ଶିକ୍ଷା ପ୍ରଣାଳୀକୁ ଉନ୍ନତ କରିବାଲାଗି 'ଶିକ୍ଷା' ନାମକ ଏହି ରୋବୋ ତିଆରି କଲେ। ରୋବୋଟି ଦେଖିବାକୁ ସୁନ୍ଦର ସ୍କୁଲ ଛାତ୍ରୀ ଭଳି। ଆଉ ଏହା ପିଲାଙ୍କୁ ପଢାଇବାରେ ବେଶ୍ ସକ୍ଷମ। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସେ ପଢାଇପାରେ। ଦେଢ ବର୍ଷର ଗବେଷଣା ଓ ପରିଶ୍ରମ ପରେ ଅକ୍ଷୟ ଏହି ରୋବୋ ତିଆରି କରିଥିଲେ। ଆଉ ଖର୍ଚ୍ଚ ହୋଇଥିଲା ପ୍ରାୟ ୨ ଲକ୍ଷ ଟଙ୍କା। ଗବେଷଣାରେ ତାଙ୍କର ଅଧିକ ଖର୍ଚ୍ଚ ହୋଇଥିବାବେଳେ ରୋବୋ ତିଆରିରେ ମାତ୍ର ୫୦,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। କାରଣ ସେ ଜୁଗାଡ ଲଗାଇ ଉକ୍ତ ରୋବୋ ତିଆରି କରିଛନ୍ତି। ରୋବୋ 'ଶିକ୍ଷା' କନ୍ନଡ଼ ଓ ଇଂରାଜୀ ଭାଷାର ରାଇମ୍ ସହ ବିଭିନ୍ନ ଶେପ୍‌ର ନାମ, ଇଂରାଜୀ ଆଲଫାବେଟ୍, ଗଣିତ(ଗୁଣନ, ହରଣ, ମିଶାଣ, ଫେଡ଼ାଣ, ପଣିକିଆ) ଆଦି ପଢାଇପାରେ। 'ଶିକ୍ଷା' ଯା' ମଧ୍ୟରେ ୨୫ଟି ସ୍କୁଲ ଯାଇ ପିଲାଙ୍କୁ ପଢାଇସାରିଲାଣି। ପିଲାମାନେ ଶିକ୍ଷାକୁ ଦେଖି ବହୁତ ଖୁସି ହୋଇ ଯାଆନ୍ତି। ଅକ୍ଷୟ କୁହନ୍ତି, 'ଶିକ୍ଷାକୁ ନିର୍ମାଣ କରିବା ପଛର କାରଣ କେବଳ ଶ୍ରେଣୀ ଗୃହରେ ଟେକ୍ନୋଲୋଜି ବ୍ୟବହାର କରିବା ନୁହେଁ ବରଂ ପିଲାଙ୍କୁ ରୋବୋ ତିଆରି ପ୍ରତି ଆକୃଷ୍ଟ କରିବା ମଧ୍ୟ ଥିଲା।'



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଡମ୍ବରୁ ବାଜେ....

ନାରଙ୍ଗୀ ଭାଉଜ ଓ ପଡ଼ୋଶୀ ପିତେଇ ନାନୀଙ୍କ ଭିତରେ ଥିଲା ଶାଗ-ତିଅଣ ଦିଆ-ନିଆର ସୁସମ୍ପର୍କ । ଏକାଠି ଆଗରୁ ନଈ-ପୋଖରୀକି କାମସାରିବାକୁ ଯାଉଥିଲେ । କିନ୍ତୁ ହଠାତ୍ ଦିନେ ନାରଙ୍ଗୀ ଭାଉଜଙ୍କ ନାଟଦେଖି ନବା ଭାଇ ତାଟକା ! ସାରାଦିନ ଖାଇବା-ପିଇବା ନାହିଁ ! ରାତିରେ ଶୋଇବା ବାହାନାରେ ଶେଯ-ତକିଆ ଲୁହରେ ଅଧେ ଭିଜେଇ ସାରିଲେଣି ! ଭାଇ ଯେତେ କଅଁଳେଇ ବୁଝେଇଲେ ବି ଭାଉଜ ବୁଝୁ ନ ଥିବା ଦେଖି ବାଧ୍ୟରେ ନବାଭାଇ କହିଲେ.. ହଉ ହେଲା, ତମରିକଥା ରହିଲା । ଘରର ଦୁହାଁଳିଆ ଗାଈ ବାଛୁରି ପଛେ ବିକିବି, ତମ ପାଇଁ ସହର ଯାଇ ଭଲ ବିଦେଶୀ ଭାଲୁଆ କୁକୁର କିଣିଆଣିବି ।

ଓଃ.. ହୋ ! ସାରାଦିନର ଘରଣୀଙ୍କର ହଙ୍ଗରଷ୍ଟ୍ରାଇକ୍, ଦାବି ପୂରଣର ପ୍ରତିଶ୍ରୁତି ମିଳିଲା ପରେ ଘର ଶାନ୍ତପଡ଼ିଲା । ନାରଙ୍ଗୀ ଭାଉଜ ମନେମନେ ଭାରି ଖୁସିହୋଇ ଭାବୁଥିଲେ.. ତାଙ୍କ ମାନ-ଅଭିମାନର ଶକତି ବଳରେ ଏ ମରଦର ପଥର ଛାତି ଏତେବେଳକେ ନରମିଲା ! ତହୁଁ ଆଉ ଡେରି ନ କରି ତରବରରେ ଶେଯରୁ ଉଠି ଦୌଡିଲେ ରୋଷେଇ ଘରକୁ । ହଂସା ଉଡ଼ିବା ଆଗରୁ କଂସାଏ ଭାତ ତୁଣରେ ପେଟ ପୂରେଇ ଦୀର୍ଘଶ୍ୱାସ ଛାଡ଼ି ଭାବୁଥିଲେ.. ଏବେ ସେ ପିତେଇନାନୀ କି ଦେଖେଇଦେବ ହୁଁ.. ଆମେ ବି କିଛି କମ ନୋହୁଁ ମ ! ଆ.. ରେ.., ଏ ମରଦଗୁଡା କାହୁଁ ଜାଣିବେ ପଡ଼ୋଶୀଙ୍କର କୋଉଥିରେ ବଡି ହେଲେ, ଆମଭଳିଆ ମାଇପିଙ୍କ ଛାତିଭିତର କେମିତି କରତି ହୋଇଯାଏ ବୋଲି ! ପିତେଇ ଗିରସ୍ତ କ'ଣ କୋଡ଼ିଏ ହଜାରେ ଟଙ୍କାରେ ସହରିଆ ବିଦେଶୀ କୁକୁର କିଣି ଛାତି ଫୁଲେଇ ଦେଖେଇହଉଚି ! ମୁଁ ବି ତା' ଠୁ ବଳିକି ବେଶି ଦାମ୍‌ରେ ଉନ୍ନତମାନର ବିଦେଶୀକୁକୁର କିଣିକି, ମୋ ଗିରସ୍ତକୁ ସକାଳୁ ନିଦରୁ ଉଠେଇ କହିବି.. ହେଇଟି ଗଲ ଗଲ.. ଶୀଘ୍ର ଆମ ଟମିକି ବୁଲେଇବା ବାହାନାରେ ଗାଁ ରାସ୍ତାକଡ଼ରେ ହଗେଇ-ମୁତେଇ ଆଣିବ ! ମୋ କୁକୁରକୁ ସମସ୍ତେ ଦେଖି ଆଁ ଟା କରି ଅନେଇ ଏମିତି ତାରିଫ୍ କରିବେଯେ, ପିତେଇ ଦେହ ଶୀତେଇ ଉଠିବ.. ତା' ଦେହ ଜଳିଯିବ । ସେଇଆ ହେଲା । ଦୁହାଁଳିଆ ଦେଶୀଗାଈ ବିକି ପଚିଶି ହଜାରେ ଟଙ୍କାରେ ଗୋଟେ ଛଇଳା ବିଦେଶୀକୁକୁର ଘର ଦୁଆର ମୁହଁରେ ଜଗି, ଯାହାକୁ ଦେଖିଲା ଭୁକିଲା । ଏଥର ଆଉ କୋଉ ଗାଁ ସାହିଭାଇ କି କୋଉ ବନ୍ଧୁ-ବାନ୍ଧବ ଆଗପରି ସଳଖା ସରସର ଘରେ ପଶି ନ ଯାଇ, ଦୁଆରେ ଘଡ଼ିଏ ଠିଆହୋଇ ମୋ କୁକୁର ଆଉ ମତେ ପ୍ରଶଂସା ନ କରି ଯିବେ କୁଆଡ଼େ ମୁଁ ଦେଖିବି !

ପିତେଇନାନୀର ଦେହ ସହେ କେତେ ? ଆଗରୁ ତା' ଝିଅ ଝୁମୁରି ଆଉ ନାରଙ୍ଗୀ ପୁଅ ନାରଣ ଏକାଠି ଗାଁର ଓଡ଼ିଆ ସର୍କାରୀ ସ୍କୁଲରେ ପଢୁଥିଲେ । ପିତେଇନାନୀ ତା' ଝିଅକୁ ସେଇ ସ୍କୁଲରୁ ଉଠେଇନେଇ ଆଠ କିଲୋମିଟର ଦୂରରେ ଗୋଟେ ମଡେଲ ଇଂଲିଶ ମାଧ୍ୟମ ସ୍କୁଲରେ ଚାଳିଶି ହଜାରଟଙ୍କା ଖର୍ଚ୍ଚକରି ନାଁ ଲେଖେଇବା ଦେଖି ନାରଙ୍ଗୀ ଭାଉଜ ରାଗରେ ଗରଗର ହେଉଥାଏ । ଦିନେ ପିତେଇ, ତା' ଝିଅ ଝୁମୁରିକି ୟୁନିଫର୍ମ ଡ୍ରେସ ପିନ୍ଧେଇ, ବେକରେ ଟାଏ ଭିଡ଼େଇ, ପିଠିରେ ସ୍କୁଲବ୍ୟାଗ ପକେଇ, ୱାଟର ବଟଲ ଛାତିରେ ଝୁଲେଇ, ପାଦରେ ଜୋତା-ମୋଜା ପିନ୍ଧେଇ ଛାଡିବାକୁ ସ୍କୁଲବସ୍‌ରେ ଗଲାବେଳେ ନାରଙ୍ଗୀ ଭାଉଜ ଆଖିରେ ଆଖି ମିଶିଗଲା । ଏତିକିବେଳେ ପିତେଇନାନୀ ଏମିତି ତାଚ୍ଛଲ୍ୟ ଭରା ମୁରୁକି ହସ ମାରିଦେଲେ ଯେ, ଯେମିତି ଲାଗିଲା ନାରଙ୍ଗୀ ଭାଉଜ ଛାତିରେ ମୁନିଆଁ ଶରଟାଏ ସାଇଁକିନା ଗଳିଗଲା ! ମୁହଁରେ ସିନା କିଛି କହିଲେନି, ହେଲେ ମନେମନେ କହୁଥିଲେ.. ମଲାମର ! କେତେ ତୁ ଦେଖେଇହେଉଛୁ ଲୋ ! ରହ ମୁଁ ତୋ ଛାତି ଫଟାଉଛି । ମୁଁ ଯଦି ତା' ଠୁ ବଡ଼ ଇସ୍କୁଲୁରେ ମୋ ପୁଅକୁ ନ ପଢ଼େଇଛି, ତେବେ ମୋ ନାଁ ରେ କୁକୁର



ପାଳିବୁ! ଆଲୋ ନାଇଁ ଲୋ, ସେ କୁକୁର ପାଳିଛି । ହଁ ମୋ ନାଁରେ ଗୋଟେ ଭୁଆ ବିଲେଇ ପାଳିବୁ! ଯାଉ ଲାକ୍ଷେଟଙ୍କା ଖରଚା ହେଇ । କିଏ ଡରୁଚି ?

ବିଚରା ଯେମିତି ଢଙ୍ଗରେ ଏଇ ଦୁଇଜଣ ଭାଉଜ - ନାନୀ ଟକ୍କର ଦେଲେଣି, ଜାଣ ନବାଭାଇର ଛୋଟିଆ ବେପାର ବୁଡ଼ିବାର ଅବସ୍ଥା ଉପୁଜିଲାଣି । ତଥାପି ଭାଉଜ ଛାଡ଼ିବାର ନୁହନ୍ତି । ଯେମିତି ହେଉ, ତାଙ୍କ ପୁଅ ବଡ଼ ସାହେବୀ ଇସ୍କୁଲୁରେ ପଢ଼ିବ । ନବାଭାଇ କି ବୁଝେଇଲେ.. ମଲା, ଏଇ ଗାଁ ଓଡ଼ିଆ ଇସ୍କୁଲୁରେ ପଢ଼ି ମୋ ଗୋଟେ ବୋଲି ପୁଅ କ'ଣ କୋଢ଼ିଆ ହେଇ ତମରିପରିକା ଦୋକାନଖୋଲି ବସିବ ? କାହିଁ, ଜମି ଆମର କ'ଣ ହବ କି? ବିକିଦେଉନ ଦି 'ଗୁଣ୍ଠ ! ସରଳିଆ ନବାଭାଇ ବା କାହୁଁ ଜାଣନ୍ତା.. ପୁଅର ସୁନେଲି ଭବିଷ୍ୟତର ସପନ ତା' ଆଖିରେ ଭରିଦେଇ, ପଡ଼ୋଶୀଙ୍କ ଈର୍ଷାରେ ହମ୍ ବଡ଼ା ନୀତିରେ ସେ ବକରା ସାଜି ବଳି ପଡ଼ିବାକୁ ଯାଉଛି ବୋଲି ! ତା' ଛଡା, ପତ୍ନୀକଥା ନ ରଖିଲେ ଅବସ୍ଥା କ'ଣ ହୁଏ, ଏ କଥା କ'ଣ ବିଜ୍ଞଜନଙ୍କୁ ତୁଣ୍ଡଖୋଲି କହିବାକୁ ପଡ଼ିବ ? କଥା ରଖିବାକୁ ବାଧହେଲେ ।

କେତେଦିନ ଗଲାପରେ ପିତେଇନାନୀ ତା' ସ୍ୱାମୀଙ୍କୁ କହି ତାଙ୍କ ଆଜବେଷ୍ଟ ଘରଭାଙ୍ଗି ଦାଣ୍ଡିଏ ଛାତଘର ତୋଳିଲେ । ତା' ସ୍ୱାମୀ ସହରରେ ସିନା ବଡ଼ ଚାକିରି କରି ମୋଟା ଟଙ୍କା ପଠାଉଛନ୍ତି ବୋଲି ସିଏ ଛାତଘର କରୁଛନ୍ତି, ମାତ୍ର ନାରଙ୍ଗୀଭାଉଜକୁ ଲାଗୁଥାଏ, ସେ ଛାତ-ଘର କରୁନି ଯେ, ବରଂ ତା' ଛାତିଭିତରେ ଯେମିତି ହୁତୁହୁତୁ କରି ନିଆଁ ଜଳଉଛନ୍ତି ! ସେଇ ନିଆଁକୁ ଲିଭେଇ ନାନୀ ଉପର ରାଗ ଦାଉ ନବାଭାଇକୁ ଶୁଝେଇବାକୁ ପଡ଼ିଲା । ନାରଙ୍ଗୀଭାଉଜ ଜିଦ୍‌ରେ ବୋପା -ଜେଜେ ଅମଳର ଦୋ ଫସଲି ସୁନାଭଳିଆ ଜମି ଚାରି ଏକର ବିକି ଏମାନେ ବି ତୋଳିଲେ ଛାତଘର । ତାଙ୍କଘରେ ଟାଇଲି ପଡ଼ିଲାବେଳେ ନବାଭାଇ ଘରହେଲା ମାର୍ବଲ ଛପର । ସିଏ ପଙ୍ଖା ବୁଲେଇଲେ, ଇଏ ଲଗେଇଲେ ଏସି -କୁଲର । ଇଏ କିଣିଲେ ଦୁଇ ଶ' ଲିଟର ଫ୍ରିଜ, ସିଏ କିଣିଲେ ତିନିଶ' ଲିଟର ରେଫ୍ରିଜରେଟର । ଶିଳ ବଟା ଛାଡ଼ି ଘାଇଁ ଘାଇଁ ବାଟିଲାଣି ଗ୍ରାଇଣ୍ଡର । ସିଏ ସିଲ୍କୀ ପିନ୍ଧିବା ଦେଖି, ଇଏ କିଣିଲେଣି ପାଟଶାଢ଼ି । ତାଙ୍କଘରେ ଟୁ-ହ୍ୱିଲର ମୋଟରସାଇକେଲ, ଇଏ ଲୋନ କରି ଚଢ଼ିବୁଲିଲେଣି ବୁଲେଟ୍‌ଗାଡ଼ି । ତାଙ୍କ ଘରେ ଚିକେନ ରନ୍ଧା ବାସ୍ନା ଶୁଙ୍ଘି, ଇଏ ରାନ୍ଧୁଥିଲେ ମଟନ ତରକାରି । ପିତେଇ ଝୁଅର ବାର୍ଥ ଡେ'ରେ ଶହେ ସାଙ୍ଗ ଆସିବା ଦେଖି, ନାରଙ୍ଗୀ ପୁଅର ବାର୍ଥ ଡେ'ରେ ନନ୍‌ଭେଜ ସାଙ୍ଗକୁ ଦୁଇଶହ ଲୋକଙ୍କ ଖାଇବାସାଙ୍ଗରେ ଚାଲିଥିଲା କେକ୍ କଟା । ଏମିତିରେ ଉଭୟଙ୍କ ପିଲାଏ ଯହୁଁ ଯହୁଁ ବଡ଼ହୋଇ ଉଚ୍ଚଶିକ୍ଷା ଲାଭ ପାଇଁ ସହରକୁ ଆଗଉଥିଲେ, ଏପଟେ ଦୁଇ ପଡୋଶୀ ନିଜ ନିଜ ଈର୍ଷାର ବଡ଼ପଣକୁ ବଡ଼କରି ଆପଣା ଡମ୍ବରୁ ତାଂ ବଡ଼ା ତାଂ ବଡ଼ା..ଜୋରରେ ବଜେଇ ଚାଲିଥିଲେ । ଉପରେ ଚାଲିଥିଲା ମଧୁରକଥା.. ଅନ୍ତରରେ ବଢୁଥିଲା ଅକୁହା ବ୍ୟଥା ।

କେତେବର୍ଷ ପରେ ଉଭୟଙ୍କ ପିଲାଏ ଗାଁକୁ ନ ଆସିବାରୁ ପରସ୍ପର ପିଲାଙ୍କ ଦୋଷ ବଛାବଛି ଝଗଡ଼ା ବଢ଼ିଲା ବେଳକୁ ପିତେଇନାନୀ ଖବର ପାଇଲେ, ତାଙ୍କ ଝିଅ ଝୁମୁରି କୋଉ ଅଲଗା ଧର୍ମର ପୁଅ ସାଥିରେ ଲଭକରି ଲିଭ୍-ଇନ୍-ରିଲେସନ୍‌ରେ ରହୁଛି । ଏକମାତ୍ର ଝିଅ ମୋହକୁ ବାପା-ଭୁଲିବା କି ସମ୍ଭବ? ଫେରେଇଆଣିବାକୁ ଯାଇ ତା' ଫ୍ରେଣ୍ଡ ଓ ନିଜ ଝିଅଠୁ ଢେର୍ ଅପମାନ ପାଇ ନିରାଶହୋଇ ମୁଣ୍ଡକୋଡ଼ି, ଆଖିରେ ଆଖିଏ ଲୁହନେଇ ଗାଁକୁ ଫେରିବାର ପନ୍ଦରଦିନ ପରେ ନିଉଜ୍‌ରୁ ଜାଣିଲେ.. ତାଙ୍କ ଝିଅ ଭଲପାଉଥିବା ଟୋକା ହାତରେ ସତରଖଣ୍ଡ ହୋଇସାରିଛି । ଏ ଦୁଃଖଦ କାହାଣୀର ଅନ୍ତ ନ ହେଉଣୁ, ମୁମ୍ବାଇରେ ନାରଙ୍ଗୀ ଭାଉଜର ପୁଅ ନାରଣ ଚାକିରିକରି ରହୁଥିବାବେଳେ ପଡିଗଲା ଗୋଟେ ଝିଅର ପ୍ରେମ ଫାସରେ । କିନ୍ତୁ ପରେ ସେହି ଝିଅ ତା' ପ୍ରେମର ଅଠାଳିଆ ଜାଲ ଛିଣ୍ଡେଇ ଧୋକାଦେଇ ଟଙ୍କା ପଇସା ନେଇ ଆଉ କାହା ସାଥିରେ ଫେରାର ହୋଇଯିବାରୁ ଯନ୍ତ୍ରଣା ସହି ନ ପାରି ସିଲିଂ ଫ୍ୟାନ୍‌ରେ ରଶି ଲଗେଇ ନାରଣ ଆତ୍ମହତ୍ୟା କରିଦେଇଛି । ଏଇ ଖବର ଖଣ୍ଡମଣ୍ଡଳକୁ ଦୁଃଖରେ ଦୋହଲେଇ ଦେଇଥିଲା । ଉଭୟ ପଡ଼ୋଶୀଙ୍କ ଘରୁ ବୁକୁଫଟା କ୍ରନ୍ଦନ ଭିତରେ ଶୁଭୁଥିଲା.. କାହାପାଇଁ କୋଉ ଲୋଭ ମାୟାରେ.. ଏ ଘର ସମ୍ପତ୍ତି? ଢେରଦିନ ଗାଁ ପଡ଼ୋଶୀଙ୍କ ତାଂ ବଡା.. ତାଂ ବଡା ବାଜୁଥିବା ଡମ୍ବରୁର ସ୍ୱର ନରମୀ ଆସି ନୀରବି ଯାଇଥିଲା.. ଉଭୟ ପରିବାର ଆଶ୍ରୟ ନେଇଥିବା କେଉଁ ଏକ ଜରାଶ୍ରମ ମନ୍ଦିର ଭିତରେ....!! *-ମଙ୍ଗରାଜପୁର, ପୁରୀ*

*ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଚନ୍ଦ୍ରରାଗ

**କିଶୋର ମିଶ୍ର, ପ୍ରକାଶକ- ପ୍ରେମ ପୃଥିବୀ ପରିବାର ପ୍ରେମ ନଗର, ଭଦ୍ରକ, ମୂଲ୍ୟ-୧୦୮ଟଙ୍କା**

ଚନ୍ଦ୍ରରାଗ କିଶୋର ମିଶ୍ରଙ୍କ କବିତା ପୁସ୍ତକ । ଏଥିରେ ୫୩ଟି କବିତା ସ୍ଥାନ ପାଇଛି । କବି କୈଶୋରର ଚପଳତାରେ ଶୁଣନ୍ତି କୋକିଳର କୁହୁକୁହୁ ତ ଯୌବନର ଜଉବନରେ ଲଗାଇ ଦିଅନ୍ତି ନିଆଁ । ସେ ନିଆଁରେ ଦେହ ହେଉଥାଏ ଦାହ । ମିତଣୀ ଅମୃତର ଅଭିସାର ଖୋଜୁ ଖୋଜୁ ହୃଦୟ ଗୁମ୍ଫାରୁ ସାଉଁଟୁ ଥାଏ କସ୍ତୁରୀ । ଫେରିବାକୁ ହେବ/କେବେନା କେବେ ତ/ ଏଇ ପ୍ରିୟ ବଗିଚାରୁ/ ନିଜ ହାତେ ଯେତେ/ ଚାରା ରୋପିଥିଲି/ ଯେତେ ପରିଚିତି ତରୁ, ସବୁକୁ ମିଶାଇ ସୃଜିଥିଲି





ପ୍ରଭୁ/ ମହାପର୍ବ ମିଳନର/ ଝରିଗଲା ବେଳେ/ ଫୁଲଟିଏ ହେବି/ ଏତେ ଟିକେ ଦୟା କର । (ସୃଜନ ସ୍ୱପ୍ନ- ପୃଷ୍ଠା-୨୭) । କବି ଫୁଲକୁ ଭଲ ପାଇ ମହାପ୍ରଭୁଙ୍କୁ ସମର୍ପିବା ପରେ ନିଜକୁ ଶେଷ ସମୟରେ ମହାପ୍ରଭୁଙ୍କ ପାଦପଦ୍ମରେ ରଖିବାକୁ ନିବେଦନ କରୁଛନ୍ତି । କବିଙ୍କର ଏଭଳି ଅନେକ କବିତା ରହିଛି ଯାହା ସୁଖପାଠ୍ୟ ଓ ପାଠକଙ୍କୁ ବାନ୍ଧି ରଖିବା ଭଳି ।

### ଭାବ ତରଙ୍ଗ

**ବିରଞ୍ଚି ନାରାୟଣ ପାଣିଗ୍ରାହୀ, ପ୍ରକାଶକ- ସୃଜନ ସ୍ୱପ୍ନ ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱରୀ-୧୮ ମୂଲ୍ୟ-୧୮୪ଟଙ୍କା**

ଭାବ ତରଙ୍ଗ ବିରଞ୍ଚି ନାରାୟଣ ପାଣିଗ୍ରାହୀଙ୍କ ଈଶ୍ୱରଙ୍କୁ ସମର୍ପିତ କବିତା ପୁସ୍ତକ । ମଣିଷ ଜୀବନରେ ଅନେକ ଘାତ ପ୍ରତିଘାତ ଆସିଥାଏ ; ଯାହାକୁ ସେ ଅତିକ୍ରମ କରିବାକୁ ଚେଷ୍ଟା କରେ । ଆଉ ଯେତେବେଳେ ସେ ଅସହାୟ ହୋଇପଡେ ସେତେବେଳେ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପି ଦିଏ । ହେ ମାଧବ । ମୋ କଥା ଭୂଲି ନ ଯିବ/ ରତନ ପଲଙ୍କେ ନିଦ ନ ହେଲେ/କୁଞ୍ଜ




ବନେ ଯାଇ ଶୋଇବ(ମୋ କଥା ଭୂଲି ନ ଯିବ- ପୃଷ୍ଠା ୧୬୫) । କବି ଏଠି ମହାପ୍ରଭୁଙ୍କୁ ନିବେଦନ କରି କହିଛନ୍ତି, ମୋ ଅନ୍ତରରେ ଯେଉଁ ଦୁଃଖ ଭରି ରହିଛି, ସେ କଥା ଭୁଲିବନି । ମୁଁ ପରା ଶୟନେ, ସପନେ ତୁମକୁ ଝୁରୁଛି । ଏହାହିଁ ଜଣେ ମଣିଷର ଈଶ୍ୱରଙ୍କ ପ୍ରତି ଥିବା ସମର୍ପିତ ପ୍ରତିବେଦନ । କବି ଆତ୍ମ ଚେତନାର ଭାବକୁ ନେଇ ଯେଉଁ ଗୀତଗୁଡିକ ଲେଖିଛନ୍ତି ତାହା ପାଠକଙ୍କୁ ଛୁଇଁବ ।

### ରାଜକିଶୋର ପାଢୀଙ୍କ ସୃଜନ ସମୀକ୍ଷା

**ସମ୍ପାଦନା: ମହେଶ୍ୱର ପାଢୀ, ପ୍ରକାଶକ-ଦିଲୀପ କୁମାର ବେଉରା ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ, ମୂଲ୍ୟ-୪୫୦ଟଙ୍କା**

ସୃଜନ ସମୀକ୍ଷା ପୁସ୍ତକଟି ରାଜକିଶୋର ପାଢୀଙ୍କ ଉପରେ ସମ୍ପାଦିତ ବହି । ଏଥିରେ ରାଜକିଶୋରଙ୍କ ସୃଜନ ସମ୍ଭାରକୁ ଭଲ ପାଉଥିବା ଗୁଣଗ୍ରାହୀଙ୍କ ଲେଖା ରହିଛି । ଏହାର ପ୍ରଥମ ପର୍ବରେ କବିତା ଚର୍ଚ୍ଚା ରହିଥିବା ବେଳେ ଦ୍ୱିତୀୟ ପର୍ବରେ ପ୍ରବନ୍ଧ, ତୃତୀୟ ପର୍ବ ଶିଶୁ ସାହିତ୍ୟ କଥା, ଚତୁର୍ଥ ପର୍ବ ଗଳ୍ପ ପଛର ଗପ, ପଞ୍ଚମରେ ଅନୁବାଦ ଓ ଗବେଷଣାର ଫର୍ଦ୍ଦ ଓ ଷଷ୍ଠ ବା ଶେଷ ପର୍ବରେ କିଛି କଥା ସ୍ଥାନୀତ ହୋଇଛି ।




ରାଜକିଶୋରଙ୍କ ସୃଜନ ପରିଧି ବ୍ୟାପକ । ଦୀର୍ଘ ଦିନ ଧରି ଲେଖନୀ ଚାଳନା କରି ୨୦ରୁ ଊର୍ଦ୍ଧ୍ୱ କବିତା ସଂକଳନ, ୬ଖଣ୍ଡ ମୌଳିକ ପ୍ରବନ୍ଧ, ୨ଖଣ୍ଡ ଅନୁବାଦ ଓ ଗଳ୍ପ ପୁସ୍ତକ, ଅନେକ ଶିଶୁ ସାହିତ୍ୟ ଓ ଗବେଷଣାତ୍ମକ ପୁସ୍ତକ ରଚନା କରି ସାହିତ୍ୟର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ପୁସ୍ତକଟି ପାଠକୀୟତା ଲାଭ କରିବ ବୋଲି ଆଶା ।

ବ୍ୟାକ୍ ପେଜ୍

# ଦାମୀ ଶାଢ଼ି

ଭାରତୀୟ ନାରୀଙ୍କର ଶାଢ଼ି ପ୍ରତି ଥାଏ ଅହେତୁକ ଦୁର୍ବଳତା। ସେଥିପାଇଁ ତ ଆଲମାରୀ ଭର୍ତ୍ତି ଶାଢ଼ି ଥିଲେ ହେଁ ନୂଆ ଶାଢ଼ି ଦେଖୁ ଦେଖୁ ଲୋଭ ବଢ଼ିଯାଏ। ଆଉ କିଣିବାକୁ ମନ ବଳାଏ। ହେଲେ ଏମିତି ଏକ ଶାଢ଼ି ଅଛି ଯାହା ଦେଖିବାକୁ ଏତେ ସୁନ୍ଦର ଯେ, କିଣିବାକୁ ମନ ଆଉଟୁ ପାଉଟୁ ହେବ। ହେଲେ ତାକୁ କିଣି ହେବନି। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ଶାଢ଼ି, ଯାହାର ନାଁ 'ବିବାହ ପଟୁ'। ଏହା ଏକ ଚେନ୍ନାଇ ସିଲ୍କ ଶାଢ଼ି। ନବରତ୍ନ ପଥର ଯେମିତିକି ସୁନା, ହୀରା, ଇମେରାଲ୍ଡ, ରୁବି, ୟେଲୋ ସାଫାୟର୍, ସାଫାୟର, ଟୋପାଜ୍, ମୋତି, କୋରାଲ ଆଦି ଏଥିରେ ଖଚିତ ହୋଇଛି। ସୁନା, ପ୍ଲାଟିନମ୍, ରୁପାର ତାରରେ ଏଥିରେ ଏମ୍ବ୍ରୋଏଡାରୀ କାମ ହୋଇଛି। ଏହାବାଦ ଏଥିରେ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣି କରାଯାଇଛି। ଉକ୍ତ ଶାଢ଼ିର ଡିଜାଇନ୍ ଚେନ୍ନାଇ ସିଲ୍କସ୍‌ର



ନିର୍ଦ୍ଦେଶକ କରିଛନ୍ତି। କାଞ୍ଚିପୁରମ୍ ଚେନ୍ନାଇ ସିଲ୍କ ମିଲ୍‌ର ୩୬ଜଣ କାରିଗର ୧୨ ମାସରେ ଏହାକୁ ତିଆରି କରିଥିଲେ। ଏହାର ଓଜନ ୮ କି.ଗ୍ରା.ଓ ମୂଲ୍ୟ ୪୦ ଲକ୍ଷ ଟଙ୍କା। ଏହି ଶାଢ଼ି ପ୍ରଥମେ ବାଙ୍ଗାଲୋରର ଜଣେ ବ୍ୟବସାୟୀ ବିବାହର ୧୦ମ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଏତର ଜଣେ ଧନୀକ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ଉକ୍ତ ଶାଢ଼ିର ଓଜନ ଅଧିକ ହୋଇଥିଲେ ହେଁ ପିନ୍ଧିବା ପରେ ଓଜନ ଏତେଟା ଜଣାପଡ଼େନା। ଆଉ ଏହା ଏତେ ସୁନ୍ଦର ଦେଖାଯାଏ ଯେ, ଓଜନ କଥା ମନକୁ ଆସେନା।

# ଗୋଲ୍ଡ ପ୍ଲେଟେଡ୍ ଦୋସା





ଦକ୍ଷିଣ ଭାରତର ଅତି ପ୍ରିୟ ଖାଦ୍ୟ ହେଉଛି ଦୋସା। ଏଠାକାର ଗଳିକନ୍ଦି, ବଡ ବଡ଼ ରେଷ୍ଟୁରାଣ୍ଟ, ହୋଟେଲ ସବୁଠି ଏହା ମିଳିଥାଏ। ବହୁତ କମ୍ ସାମଗ୍ରୀ ଓ କମ୍ ସମୟରେ ତିଆରି କରାଯାଇପାରୁଥିବା ଏହି ଖାଦ୍ୟ ଖୁବ୍ ଶସ୍ତାରେ ଉପଲବ୍ଧ ହୁଏ। ତେବେ ବାଙ୍ଗାଲୋରର ରାଜଭୋଗ ନାମକ ଏକ ରେଷ୍ଟୁରାଣ୍ଟ ଏଭଳି ଦୋସା ପ୍ରସ୍ତୁତ କରୁଛି, ଯାହା ଦେଖିବାକୁ ଖୁବ୍ ଆକର୍ଷକ। କହିବାକୁ ଗଲେ ଗ୍ଲାମର୍ସ ଲାଗେ। କାରଣ ଏହି ଦୋସାର ଉପରଭାଗକୁ ୨୪ କ୍ୟାରେଟ୍ ଗୋଲ୍ଡ ଲିଫ୍‌ରେ କଭର୍ କରାଯାଇଛି। ଆଉ ଦୋସା ଭିତରେ ଗ୍ରାହକଙ୍କ ମନପସନ୍ଦର ନାନା ପ୍ରକାରର ପୁର ଦିଆଯାଏ। କ୍ଲାସିକ୍ ଦୋସାର ଏହି ଗ୍ଲାମ୍ ଭର୍ସନର ମୂଲ୍ୟ କିନ୍ତୁ ସାଧାରଣ ଦୋସାଠାରୁ ୪୦ ଗୁଣ ଅଧିକ।





# ଏଲଇଡି ସ୍ଲିପର୍ସ

ଅନେକ ସମୟରେ ଏମିତି ହୁଏ, ରାତି ଅଧରେ ଶୋଷ ଲାଗିଲେ ନିଦ ଭାଙ୍ଗିଯାଏ। ଆଉ ନିଦୁଆ ଆଖିକୁ ମଳି ମଳି ଅନ୍ଧାରରେ ଆମେ ବାହାରି ଯାଉ ପାଣି ପିଇବାକୁ। ଏମିତି ଅନ୍ଧାରରେ ଗଲାବେଳେ ଅନେକ ସମୟରେ ଆମେ ଝୁଣ୍ଟିପଡୁ ଓ ଆଙ୍ଗୁଠିରେ ଆଘାତ ଲାଗିଯାଏ। ଏହାକୁ ନଜରରେ ରଖି ଆସି ଯାଇଛି ଏଭଳି ଏକ ସ୍ଲିପର୍ ବା ଚପଲ, ଯାହାକି ଏହି ସମସ୍ୟାକୁ ଅନେକାଂଶରେ ଏଡାଇଦେବ। କାରଣ ଏ ହେଉଛି ଏଲ୍‌ଇଡି ସ୍ଲିପର୍ସ। ଉକ୍ତ ସ୍ଲିପର୍ସ ବା ଚପଲର ସାମ୍‌ନା ଭାଗରେ ଏଲ୍‌ଇଡି ଲାଇଟ୍ ଲାଗିଛି। ଆଉ ଏହାକୁ ପିନ୍ଧି ଗୋଡ ଆଙ୍ଗୁଠିରେ ଏକ ସୁଇଚ୍‌କୁ ଦବାଇଦେଲେ ଲାଇଟ୍ ଜଳିଯିବ। ଫଳରେ ଅନ୍ଧାରରେ ବି ରାସ୍ତା ଆଲୋକିତ ହୋଇଯିବ। ଆଉ ଆପଣ ଆରାମରେ ଅନ୍ଧାର ରାସ୍ତା ଦେଖି ଚାଲିପାରିବେ। ଯଦ୍ୱାରା ଆଉ ଝୁଣ୍ଟିବେ ନାହିଁ।